# ଦୋକାନବଜାର ବନ୍ଦ, ଅଫିସ ଖୋଲା





**ସମ୍ବଲପୁର, ୨୮।୧ (ସମିସ)**

ଧାନ ମଣ୍ଡି ଓ ଧାନ ବିକ୍ରିରେ ଅବ୍ୟବସ୍ଥା, ଟୋକନ ସମସ୍ୟା, କଟ୍‌ନିଛଟ୍‌ନି, ପଞ୍ଜିକରଣ ଅନୁଯାୟୀ ସରକାର ଧାନ ନକିଣିବା, ପ୍ରଦୂଷଣ ପ୍ରମାଣପତ୍ର ନାମରେ ଲୋକଙ୍କୁ ଜୋରିମାନା, ଟାଟାପାୱାରର ମନମୁଖୀ ବ୍ୟବହାର ଆଦି ବିଭିନ୍ନ ଦାବିରେ ଆଜି ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଓଡ଼ିଶା ବନ୍ଦ ଡାକରା ଦିଆଯାଇଥିଲା। ସମ୍ବଲପୁରରେ କେହି ପିକେଟିଂ କରି ବନ୍ଦ ନକଲେ ମଧ୍ୟ ସ୍ୱତଃସ୍ଫୂର୍ତ୍ତ ଭାବେ ଦୋକାନ ବଜାର ବନ୍ଦ ରହିଥିବା ଦେଖାଯାଇଥିଲା। ବହୁସଂଖ୍ୟାରେ ବ୍ୟାଙ୍କ ମଧ୍ୟ ବନ୍ଦ ରହିଥିଲା। ଆମ ବସ୍ ଚଳାଚଳ ସକାଳୁ ବନ୍ଦ ରହିଥିଲା। ସ୍କୁଲ କଲେଜ ଖୋଲାଥିଲେ ମଧ୍ୟ ଉପସ୍ଥାନ ହାତଗଣତି ରହିଥିଲା। ଅନ୍ୟପକ୍ଷରେ ସମସ୍ତ ସରକାରୀ କାର୍ଯ୍ୟାଳୟ ଖୋଲା ରହିଥିଲା।

ସକାଳ ୬ଟାରୁ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ୮ ଘଣ୍ଟିଆ ବନ୍ଦକୁ ସମ୍ବଲପୁରବାସୀ ସ୍ୱତଃସ୍ଫୂର୍ତ୍ତ ଭାବେ ସମର୍ଥନ କରିଛନ୍ତି। ସରକାରୀ ଓ ବେସରକାରୀ ବସ୍ ସହିତ ସମ୍ବଲପୁର ସହର ମଧ୍ୟରେ ଚଳାଚଳ କରୁଥିବା ଆମ ବସ୍ ସେବା ମଧ୍ୟ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ହସପିଟାଲ, ଔଷଧ ଦୋକାନ ଭଳି ଅତ୍ୟାବଶ୍ୟକ ସେବାକୁ ବନ୍ଦରୁ ବାଦ୍ ଦିଆଯାଇଥିବାବେଳେ ଲୋକେ ଦୋକାନବଜାର ଖୋଲିନଥିଲେ। ସହରର ଅନେକ ଘରୋଇ ଶିକ୍ଷାନୁଷ୍ଠାନ ଆଜି ଛୁଟି କରିଦେଇଥିଲେ। ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ମୁଖ୍ୟ ଶାଖା ଓ ଅନ୍ୟ କେତେକ ବ୍ୟାଙ୍କ ବନ୍ଦ ରହିଥିଲା। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଆରମ୍ଭ କରି ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ, ସଦର ଉପଜିଲ୍ଲାପାଳ, ଡାକ ବିଭାଗ ଆଦି ଖୋଲା ରହିଥିଲା। ସହରର ଗୋଲବଜାର, ଲକ୍ଷ୍ମୀଟକିଜ ଛକ, ଧନୁପାଲି ଆଦି ପ୍ରାୟ ଅନେକ ଅଞ୍ଚଳରେ ଲୋକେ ଦୋକାନ ବନ୍ଦ ରଖିଥିଲେ। ଏପରିକି ଛୋଟ ଚା'ଦୋକାନଠାରୁ ଆରମ୍ଭ କରି ହୋଟେଲ ଗୁଡ଼ିକ ସମ୍ପୂର୍ଣ୍ଣ ବନ୍ଦ ରଖିଥିଲେ। ଆମ ବସ୍, ଅଟୋ ଆଦି ଚଳାଚଳ କରୁନଥିବାବେଳେ ଲୋକେ ନିଜ ଯାନବାହାନରେ ଯାତାୟାତ କରୁଥିଲେ। ଅନ୍ନଦାତାର ସମସ୍ୟା ସାଙ୍ଗକୁ ପ୍ରଦୂଷଣ ପ୍ରମାଣପତ୍ର ଓ ଟାଟା ପାୱାରର ଶୋଷଣ ଭଳି ସମସ୍ୟା ଥିବାରୁ ଲୋକେ ତାହାକୁ ସ୍ୱତଃସ୍ଫୂର୍ତ୍ତ ଭାବେ ସମର୍ଥନ କରିଥିଲେ। ଅନ୍ୟପକ୍ଷରେ ଦୁଇଦିନ ପୂର୍ବରୁ ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଙ୍ଗଠନ ତାହାର ବୈଠକରେ ଏହି ବନ୍ଦକୁ ନୈତିକ ସମର୍ଥନ ଜଣାଇଛି। ଗତ ଡିସେମ୍ବର ୧୯ ତାରିଖରେ ଟୋକନ ଓ ଧାନ କିଣାବିକା ସମସ୍ୟାକୁ ନେଇ ସମ୍ବଲପୁର ବନ୍ଦ ଡାକରା ଦେବା ଏବଂ ଲୋକେ ଏହାକୁ ସମର୍ଥନ କରିଥିବାରୁ ଆଜି ବନ୍ଦକୁ ନେଇ ନିଷ୍ପତ୍ତି ସଙ୍ଗଠନ ପକ୍ଷରୁ ଲୋକଙ୍କ ଉପରେ ଛାଡ଼ି ଦିଆଯାଇଥିଲା।

ବନ୍ଦରେ କେହି ବି ରାସ୍ତାରେ କିମ୍ବା କାର୍ଯ୍ୟାଳୟରେ ପିକେଟିଂ କରିବା, ରାସ୍ତାରୋକ କିମ୍ବା କାର୍ଯ୍ୟାଳୟ ବନ୍ଦ କରିବାକୁ ଆସିନଥିଲେ ମଧ୍ୟ ସମ୍ବଲପୁର ଜନସାଧାରଣ ବନ୍ଦକୁ ପୂର୍ଣ୍ଣ ସମର୍ଥନ ଦେଇଥିବା ଦେଖାଯାଇଥିଲା। ଗତ ଡିସେମ୍ବର ୧୯ ତାରିଖରେ ଚାଷୀମାନଙ୍କ ବନ୍ଦ ଆହ୍ୱାନ ପରେ ଆଜି ଚାଷ ସମସ୍ୟାକୁ ନେଇ ଦ୍ୱିତୀୟଥର ସମ୍ବଲପୁରରେ ଏଭଳି ସମର୍ଥନ ପରିଲକ୍ଷିତ ହୋଇଛି।

## ଗୁପଚୁପ୍ ବ୍ୟବସାୟୀଙ୍କୁ ହତ୍ୟା

**ଜମନକିରା, ୨୮ ।୧(ସମିସ):** ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ କୁଚିଣ୍ଡା ଥାନା ଖଡିଆପାଲି ଜଙ୍ଗଲ ରାସ୍ତା ଭାଲୁଡୁଙ୍ଗୁରି ନିକଟରେ ଜଣେ ଗୁପଚୁପ ବିକାଳୀ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତ ଗୁପଚୁପ ବିକାଳୀ ହେଉଛନ୍ତି ଖଡିଆପାଲି ଗ୍ରାମର ଜଗନ୍ନାଥ ପଳେଇ(୩୬)। ସୂଚନା ଅନୁସାରେ ଜଗନ୍ନାଥ ସବୁଦିନ ପରି ଗାଁ ଗାଁ ବୁଲି ଗୁପଚୁପ ବିକ୍ରି କରି ମଙ୍ଗଳବାର ସନ୍ଧ୍ୟାରେ ଘରକୁ ଫେରିନଥିଲେ। ବିଳମ୍ବ ହେବାରୁ ଘର ଲୋକେ ଖୋଜାଖୋଜି କଲା ପରେ ବି ପାଇନଥିଲେ। ବୃଦ୍ଧ ବାପା ଓ ମା ପୁଅକୁ ଖୋଜିବାକୁ ଆସି ପୁଅ ଓ ସାଇକଲ ପଡ଼ିଥିବା ଦେଖିଥିଲେ। ପରେ ଜଗନ୍ନାଥଙ୍କ ସ୍ତ୍ରୀ ମନ୍ତୀ ପଳେଇ ଘଟଣାସ୍ଥଳକୁ ଆସି ସ୍ୱାମୀଙ୍କ ରକ୍ତ ଜୁଡୁବୁଡୁ ଶରୀର ପଡ଼ିଥିବା ଦେଖିବାକୁ ପାଇଥିଲେ। ଘଟଣାସ୍ଥଳରେ ରୋହିତ ବେହେରା ଏକ ପଥର ଉପରେ ବସିଥିବା ଦେଖିବାକୁ ପାଇଥିଲେ। ମୃତକଙ୍କ ସ୍ତ୍ରୀଙ୍କୁ ଭାଣିଜି କାହିଁକି କାନ୍ଦୁଛ ବୋଲି କହିଥିଲେ। ପୁଲିସ ରୋହିତକୁ ଅଟକ ରଖିବା ସହ ଅଧିକ ତଦନ୍ତ ଜାରି ରଖିଛି। ଅଟକ ଥିବା ବ୍ୟକ୍ତି ଶରୀରରେ ଆଘାତ ଲାଗି ରହିବାରୁ ତାକୁ କୁଚିଣ୍ଡା ଡାକ୍ତରଖାନାରେ ଚିକିତ୍ସା କରାଯାଇ ଥିବା କୁଚିଣ୍ଡା ଏସ୍‌ଡିପିଓ ପ୍ରଦୀପ କୁମାର ଦାସଙ୍କ ଠାରୁ ସୂଚନା ମିଳିଛି। ଥାନାରେ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପୁଲିସ ପଠାଇଥିଲା। କୁଚିଣ୍ଡା ଥାନା ଅଞ୍ଚଳରେ ଖୋଲା ଖୋଲି ମଦ ବିକ୍ରି ହୋଉ ଥିବା ବେଳେ ନିଶାଶକ୍ତ ଅବସ୍ଥାରେ ଏପରି ହୋଇଥିବା ଚର୍ଚ୍ଚା ହେଉଛି। ପରିବାର ଏକମାତ୍ର ରୋଜଗାରିଆ ପୁଅକୁ ହରାଇ ବୃଦ୍ଧ ବାପା ମା, ବିଧବା ପତ୍ନୀ ଓ ୨ ସନ୍ତାନ ଅସହାୟ ହୋଇ ପଡ଼ିଛନ୍ତି।

## ୨୯ରେ ଦୁର୍ଗା ମନ୍ଦିରର ରତ୍ନମୁଦ ଉତ୍ସବ



**ଜମନକିରା, ୨୮ ।୧ (ସମିସ):** ଜମନକିରା ମୁଖ୍ୟଛକ ଠାରେ ନିର୍ମିତ ହେଉଥିବା ମା'ଦୁର୍ଗାଙ୍କ ମନ୍ଦିରର ରତ୍ନମୁଦ ମହୋତ୍ସବ ପାଇଁ ଜୋର୍‌ଦାର ପ୍ରସ୍ତୁତି ଚାଲିଛି। ନବ ନିର୍ମାଣ ମନ୍ଦିର କମିଟିର ସଭାପତି ପିଛାଲୁ ଭୋଇ ଓ ଜମନକିରା ଗ୍ରାମ୍ୟ ଉନ୍ନୟନ କମିଟି ସଭାପତି ସୁବାସ ସାହୁଙ୍କ ନେତୃତ୍ୱରେ ଗୁରୁବାର ୨୯ ତାରିଖ ଦିନ ପୂଜା ଆରମ୍ଭ ହୋଇ ଶୁଭ ରତ୍ନମୋଦ (ମୁଣ୍ଡି) ମାରିବା କାର୍ଯ୍ୟକ୍ରମ ହେବ। ବ୍ରାହ୍ମଣ ପଣ୍ଡିତ ଓ କମିଟିର କର୍ମକର୍ତା ମାନେ ଉପସ୍ଥିତ ରହି ଶାନ୍ତି ଶୃଙ୍ଖଳା ରକ୍ଷା କରିବେ। ୨୯ ତାରିଖ ରତ୍ନମୁଦ ଉତ୍ସବ ଗୁରୁବାର ଦିନ କରାଯିବ। ଉକ୍ତ ଦିନ ପ୍ରତ୍ୟୁଷରୁ ରୀତିନୀତି ଅନୁସାରେ ବ୍ରାହ୍ମଣ ଓ ପଣ୍ଡିତଙ୍କ ଦ୍ୱାରା ପୂଜାକାର୍ଯ୍ୟ ପ୍ରାରମ୍ଭ ହେବ। ଶ୍ରଦ୍ଧାଳୁମାନେ ରତ୍ନମୋଦ ମୁଣ୍ଡି ମାରିବା ଉଦ୍ଦେଶ୍ୟରେ ପଞ୍ଚ ରତ୍ନ ଶସ୍ୟ ମଧ୍ୟରେ ଧାନ, ଗହମ, ମୁଗ, ସୋରିଷ, ଯବ ଧାନ ଓ ଅଷ୍ଟ ଧାତୁ ପ୍ରଭୃତି ଦାନ ଦେବା ସହିତ ଉପସ୍ଥିତ ରହି ମା'ଙ୍କ କୃପା ଲାଭ କରିବେ।

## ଡ୍ରିମ୍ ଇଣ୍ଡିଆ ପବ୍ଲିକ ସ୍କୁଲରେ ରକ୍ତଦାନ ଶିବିର

**ସମ୍ବଲପୁର, ୨୮।୧ (ସମିସ) :** ସମ୍ବଲପୁରର ଡ୍ରିମ ଇଣ୍ଡିଆ ପବ୍ଲିକ ସ୍କୁଲରେ ୭୭ତମ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ବିଦ୍ୟାଳୟ ପକ୍ଷରୁ ଜିଲ୍ଲା ରେଡକ୍ରସ ସହାୟତାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରିନ୍ସିପାଲ ସନ୍ତୋଷିନୀ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଦୟାନନ୍ଦ ପବ୍ଲିକ ସ୍କୁଲର ଶିକ୍ଷକ ମନୀଷ ପ୍ରଧାନ ଓ ହିନ୍ଦୀ ଶିକ୍ଷୟିତ୍ରୀ ସ୍ମିତା ଜେନା, ସୀମା ପ୍ରାଥମିକ ସ୍କୁଲର ପ୍ରିନ୍ସିପାଲ ଲକ୍ଷ୍ମୀ ତନସେନା ଯୋଗ ଦେଇଥିଲେ। ଏହି ଅବସରରେ ବକ୍ତୃତା, ଗୀତ, ନାଚ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ବିଜ୍ଞାନ ମେଳାର ମଧ୍ୟ ଆୟୋଜନ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।




## ଓଏସ୍‌ଓୟୁ ଓ ରାଜଯୋଗ ଶିକ୍ଷା ଫାଉଣ୍ଡେସନ ମଧ୍ୟରେ ଚୁକ୍ତି

**ସମ୍ବଲପୁର, ୨୮।୧ (ସମିସ) :** ଆଧ୍ୟାତ୍ମିକ କଲ୍ୟାଣ, ମୂଲ୍ୟବୋଧ ଶିକ୍ଷା ଏବଂ ସାମଗ୍ରିକ ବିକାଶ କ୍ଷେତ୍ରରେ ଶୈକ୍ଷିକ ସହଯୋଗକୁ ସୁଦୃଢ଼ କରିବା ପାଇଁ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଓଏସ୍‌ଓୟୁ) ଏବଂ ରାଜସ୍ଥାନର ମାଉଣ୍ଟଆବୁସ୍ଥିତ ରାଜଯୋଗ ଶିକ୍ଷା ଏବଂ ଗବେଷଣା ଫାଉଣ୍ଡେସନ୍ (ଆର୍‌ଇଆଣ୍ଡଆର୍‌ଏଫ୍) ସହିତ ଏକ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଛି। କୁଳପତି ପ୍ରଫେସର ଶ୍ୟାମ ସୁନ୍ଦର ପଟ୍ଟନାୟକଙ୍କ ନେତୃତ୍ୱରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା ଏବଂ ଏହାକୁ ଓଏସ୍‌ଓୟୁ କୁଳସଚିବ ଡକ୍ଟର ଚିତ୍ତରଞ୍ଜନ ସାହୁ ଏବଂ ମାଉଣ୍ଟଆବୁର ଆର୍‌ଇଆଣ୍ଡଆର୍‌ଏଫ୍ ଅତିରିକ୍ତ ନିର୍ଦ୍ଦେଶକ (ଶିକ୍ଷା ଶାଖା) ରାଜଯୋଗିନୀ ଡକ୍ଟର ଗୀତାରାଣୀ ଦେବୀ ଆନୁଷ୍ଠାନିକ ଭାବରେ ଗ୍ରହଣ କରିଥିଲେ। ଏହି ଅବସରରେ, କେନ୍ଦୁଝରର ଧରଣୀଧର ବିଶ୍ୱବିଦ୍ୟାଳୟର କୁଳସଚିବ ପ୍ରତିଭା ପୃଷ୍ଟି ଏବଂ ସମ୍ବଲପୁରର ବ୍ରହ୍ମାକୁମାରୀଜ୍‌ରୁ ଦୀପା ଗୁପ୍ତା ମଧ୍ୟ ଉପସ୍ଥିତ ଥିଲେ।



ଏହି ବୁଝାମଣାପତ୍ର ଅଧୀନରେ, ଓଏସ୍‌ଓୟ ଜାତୀୟ ଶିକ୍ଷା ନୀତି (ଏନ୍‌ଇପି) ୨୦୨୦ ସହିତ ସମନ୍ୱୟ ରଖି ଆଧ୍ୟାତ୍ମିକ ମନସ୍ତତ୍ତ୍ୱ, କଲ୍ୟାଣ ଏବଂ ମୂଲ୍ୟବୋଧ ଆଧାରିତ ଶିକ୍ଷାରେ କାର୍ଯ୍ୟକ୍ରମ ପ୍ରଚଳନ କରିବ। ଏହି ସହଯୋଗ ଓଏସ୍‌ଓୟୁ କ୍ୟାମ୍ପସରେ ପରାମର୍ଶ, ମାନସିକ ସ୍ୱାସ୍ଥ୍ୟ ସଚେତନତା ଏବଂ ଶାନ୍ତି ଏବଂ ଆଭ୍ୟନ୍ତରୀଣ ସୁସ୍ଥତାର ପ୍ରୋତ୍ସାହନ ପାଇଁ ଏକ 'ରାଜଯୋଗ ଚିନ୍ତାଧାରା / ସାମଗ୍ରିକ ବିକାଶ ପ୍ରୟୋଗଶାଳା' ପ୍ରତିଷ୍ଠା କରିବାକୁ ମଧ୍ୟ ଚିନ୍ତା କରିଛି। ଏହି ସହଭାଗିତା ମିଳିତ ଗବେଷଣା, ବିଶେଷଜ୍ଞ ବକ୍ତୃତା, କ୍ଷୁଦ୍ରକାଳୀନ ପାଠ୍ୟକ୍ରମ ଏବଂ ସାମଗ୍ରିକ ଜୀବନଯାପନ ଅଧିବେଶନକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟ ରଖିଛି, ଯାହା ଶିକ୍ଷାର୍ଥୀଙ୍କ ସାମଗ୍ରିକ ସାମାଜିକ, ଆଧ୍ୟାତ୍ମିକ ଏବଂ ବୌଦ୍ଧିକ ବିକାଶରେ ଯୋଗଦାନ ଦେବ। ଆର୍‌ଇଆଣ୍ଡଆର୍‌ଏଫ୍ ପାଠ୍ୟକ୍ରମ ବିଷୟବସ୍ତୁ ଏବଂ କାର୍ଯ୍ୟକ୍ରମ ପ୍ରଦାନ ସହାୟତା ପ୍ରଦାନ କରିବ, ଓଏସ୍‌ଓୟୁ ପରୀକ୍ଷା ପରିଚାଳନା କରିବ ଏବଂ ପ୍ରମାଣପତ୍ର ପ୍ରଦାନ କରିବ। ଏହି ପାଞ୍ଚବର୍ଷୀୟ ବୁଝାମଣାପତ୍ର ଭାରତର ସମୃଦ୍ଧ ଆଧ୍ୟାତ୍ମିକ ଐତିହ୍ୟ ସହିତ ଆଧୁନିକ ଶୈକ୍ଷିକ ଢାଞ୍ଚାକୁ ସମନ୍ୱିତ କରି ଅନ୍ତର୍ଭୁକ୍ତ, ମୂଲ୍ୟବୋଧ ଏବଂ ଶିକ୍ଷାର୍ଥୀ-କୈନ୍ଦ୍ରିକ ଶିକ୍ଷା ପ୍ରତି ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି।

## ସେନ୍‌ପାର୍କରେ ସାଧାରଣତନ୍ତ୍ର ଦିବସ

**ସମ୍ବଲପୁର, ୨୮।୧ (ସମିସ) :** ସ୍ଥାନୀୟ ସେନପାର୍କଠାରେ ୭୭ତମ ସାଧରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ସେନପାର୍କ ସୁରକ୍ଷା କମିଟି ସହ ପ୍ରାତଃଭ୍ରମଣକାରୀ ମାନଙ୍କ ଉପସ୍ଥିତିରେ ମୁଖ୍ୟ ଅତିଥି ରୂପେ ସୁବିର ସେନଗୁପ୍ତା ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଶ୍ରୀ ସେନଗୁପ୍ତା ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ବଳିଦାନ ବିଷୟରେ ସ୍ମରଣ କରିବାସହ ଏକ ସୁସ୍ଥ ସମାଜ ଓ ଦେଶ ଗଠନରେ ସମସ୍ତଙ୍କ ଭୂମିକା ଓ ଦାୟିତ୍ୱ ବିଷୟରେ ଆଲୋକପାତ କରିଥିଲେ। ସେନପାର୍କ ସୁରକ୍ଷା କମିଟିର ସଭ୍ୟମାନଙ୍କ ପରିବାରବର୍ଗ ମଧ୍ୟ ଉତ୍ସାହର ସହ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## ୧୦୨ ୱାଟର୍ ପୁସ୍‌ଅପ୍ କରି ରେକର୍ଡ କଲେ ପ୍ରିୟରଞ୍ଜନ

**ସମ୍ବଲପୁର, ୨୮।୧ (ସମିସ) :** ମାତ୍ର ୯୨ ସେକେଣ୍ଡରେ ବହୁଥିବା ନଦୀ ଜଳରେ ୧୦୨ ୱାଟର୍ ପୁସ୍‌ଅପ୍ କରି ବିଶ୍ୱ ରେକର୍ଡର ଅଧିକାରୀ ହୋଇଛନ୍ତି ସମ୍ବଲପୁରର ପ୍ରିୟ ରଞ୍ଜନ ନାୟକ। ପୂର୍ବରୁ ସେ ଲଣ୍ଡନର ହାୱାର୍ଡରେ ୭ ମିନିଟ ୩୮ ସେକେଣ୍ଡରେ ୨୦୦ କ୍ଲାପିଙ୍ଗ ପୁସଅପ୍ ୱାର୍ଲଡ ରେକର୍ଡ, ୯୧ ମିନିଟ ୪୮ ସେକେଣ୍ଡରେ ୩୦୫ ପୁସ୍‌ଅପ୍‌ରେ ଇଣ୍ଡିଆ ଷ୍ଟାର ୱାର୍ଲଡ ରେକର୍ଡ ଏବଂ ୧୪ ମିନିଟ ୩୦ ସେକେଣ୍ଡରେ ୩୨୪ ପୁସଅପ୍ ସହ ଫର୍‌ଏଭର୍ ଷ୍ଟାର ୱାର୍ଲଡ ରେକର୍ଡ, ମହାରାଷ୍ଟ୍ର ଆଦି ତିନିଟି ବିଶ୍ୱରେକର୍ଡ କରିଥିବାବେଳେ ସେ ୩୦ ସେକେଣ୍ଡରେ ୫୫ ଥର କରି ଏସିଆ ରେକର୍ଡ ମଧ୍ୟ କରିଛନ୍ତି। ୨୦୨୪ ଫେବୃଆରୀ ମାସରେ ଝାଡ଼ଖଣ୍ଡର ଆଇଡବ୍ଲୁଆର ଫାଉଣ୍ଡେସନ ଦ୍ୱାରା ୩୦ ମିନିଟରେ ୫୦୫ ପୁସ୍‌ଅପ୍ କରି ସେ ବିଶ୍ୱ ରେକର୍ଡ କରିଥିଲେ। ସମ୍ପ୍ରତି ସେ ମାତ୍ର ୯୨ ସେକେଣ୍ଡରେ ୧୦୨ ନନ୍‌ଷ୍ଟପ୍ ୱାଟର୍ ପୁସ୍‌ଅପ୍ କରି ୟୁଏନ୍ ବୁକ୍ ଅଫ୍ ୱାର୍ଲଡ ରେକର୍ଡ ହାସଲ କରିଛନ୍ତି। ପ୍ରିୟରଞ୍ଜନ ରାସନପୁର ଗ୍ରାମର ମୂଳବାସିନ୍ଦା ହୋଇଥିବାବେଳେ ସେ ସମ୍ପ୍ରତି ସମ୍ବଲପୁରରେ ରହୁଛନ୍ତି।






## ରେଳବାଇ କର୍ମଚାରୀ ପୁରସ୍କୃତ



**ସମ୍ବଲପୁର, ୨୮।୧ (ସମିସ) :** ନିରାପତ୍ତା ପ୍ରତି ସତର୍କତା, ସୁରକ୍ଷିତ ଟ୍ରେନ୍ ଚଳାଚଳ ପ୍ରତି କର୍ତ୍ତବ୍ୟନିଷ୍ଠା ଏବଂ ନିରାପତ୍ତା ନିୟମ ଉପରେ ଭଲ ଭାବରେ ଅବଗତ ପାଇଁ ୩ ଜଣ ସଜାଗ ରେଳବାଇ କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଛି। ସେମାନେ ହେଲେ - ସିନିୟର ଗୁଡ୍ସ ଟ୍ରେନ ମ୍ୟାନେଜର, ଆମ୍ଭୋଦଲା ରବି କିରଣ ରାଚକୋଣ୍ଡା, ପଏଣ୍ଟସମ୍ୟାନ-ଏ, ମହାସମୁନ୍ଦ ବିଭୁଲା ନାଗ ଏବଂ ଟେକ୍ନିସିଆନ୍/ ସି ଆଣ୍ଡ ଡବ୍ଲୁ/ ସମ୍ବଲପୁର ବି. ଚନ୍ଦ୍ରଶେଖର ରାଓ। ସେମାନଙ୍କ କର୍ତ୍ତବ୍ୟ ପ୍ରତି ନିଷ୍ଠା ଓ ସମର୍ପଣ ମାନ୍ୟତା ସ୍ୱରୂପ ମଣ୍ଡଳ ରେଳ ପ୍ରବନ୍ଧକ, ସମ୍ବଲପୁର ସୁବାଷ ଚନ୍ଦ୍ର ଚୌଧୁରୀ ସେମାନଙ୍କୁ ପ୍ରମାଣପତ୍ର ଏବଂ ନଗଦ ପୁରସ୍କାର ପ୍ରଦାନ କରି ସମ୍ମାନିତ କରିଛନ୍ତି। ଏହି ଅବସରରେ ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ, ସମ୍ବଲପୁର ମନଜିତ ସିଂହ ସନସନୱାଲ, ବରିଷ୍ଠ ମଣ୍ଡଳ ପରିଚାଳନା ପ୍ରବନ୍ଧକ ଅଖିଳେଶ ତ୍ରିପାଠୀ, ସିନିୟର ଡିଭିଜନାଲ ମେକାନିକାଲ୍ ଇଞ୍ଜିନିୟର ମନୀଷ କୁମାର ସିହ୍ନା ରାୟ, ବରିଷ୍ଠ ମଣ୍ଡଳ ନିରାପତ୍ତା ଅଧିକାରୀ ସମ୍ବିତ ସୌରଭ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଅଭିଜିତ ମଜୁମଦାରଙ୍କୁ ଶ୍ରଦ୍ଧାଞ୍ଜଳି

**ସମ୍ବଲପୁର, ୨୮।୧ (ସମିସ) :** ବିଶିଷ୍ଟ ଗାୟକ ତଥା ସଙ୍ଗୀତ ନିର୍ଦ୍ଦେଶକ ଅଭିଜିତ ମଜୁମଦାରଙ୍କ ସ୍ମୃତିରେ ଏକ ଶ୍ରଦ୍ଧାଞ୍ଜଳି ସଭା ସ୍ଥାନୀୟ ସାମ୍ବାଦିକ ଭବନରେ ଆଜି ସନ୍ଧ୍ୟାରେ ଆୟୋଜିତ ହୋଇଯାଇଛି। ସମ୍ବଲପୁରର ବୁଦ୍ଧିଜୀବୀ ଓ କଳାକାରମାନଙ୍କ ସହ ବରଗଡ଼ର କଳାକାର ମଧ୍ୟ ଏହି ସ୍ମୃତି ସଭାରେ ଯୋଗ ଦେଇ ସ୍ୱର୍ଗତ ଅଭିଜିତଙ୍କ ସ୍ମୃତିଚାରଣ କରିଥିଲେ। ପ୍ରାରମ୍ଭରେ ଆତ୍ମାର ସଦ୍‌ଗତି କାମନା କରି ନୀରବ ପ୍ରାର୍ଥନା କରାଯାଇଥିଲା। ସେ କିଭଳି ଭାବରେ ସମ୍ବଲପୁରରୁ ତାଙ୍କର ସଙ୍ଗୀତ ଯାତ୍ରା ଆରମ୍ଭ କରିଥିଲେ ସେବାବଦରେ ତାଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିମାନେ ସ୍ମୃତିଚାରଣ କରିଥିଲେ। ଅଭିଜିତ ସମ୍ବଲପୁରର ବିଭିନ୍ନ କ୍ଲବ ମାନଙ୍କୁ ଯାଇ ସଙ୍ଗୀତ ଶିକ୍ଷା କରିବା ସହ ପ୍ରଥମ କ୍ୟାସେଟ 'ଧସ୍‌କି ଗଲା' ତିଆରି କରିଥିଲେ। ତାଙ୍କ ସଙ୍ଗୀତ ନିଶା ତାଙ୍କୁ କଟକକୁ ଟାଣି ନେଇଥିଲା। ତାଙ୍କ ଘରେ ବାରମ୍ବାର ବାରଣ କରିବା ସତ୍ତ୍ୱେ ସେ ସଙ୍ଗୀତ ପାଇଁ ଘର ଛାଡ଼ିଥିଲେ। ଅଭିଜିତ ମଜୁମଦାରଙ୍କ ସ୍ମୃତିରେ ସମ୍ବଲପୁରରେ ଏକ ସଙ୍ଗୀତ କାର୍ଯ୍ୟକ୍ରମ କରିବାକୁ ମତପ୍ରକାଶ ପାଇଥିଲା। ସ୍ମୃତି ସଭାରେ ଗାୟକ ବିଭୁତି ପଟ୍ଟନାୟକ, ଚଳଚ୍ଚିତ୍ର ନିର୍ଦ୍ଦେଶକ ଲିଟୁ ମହାନ୍ତି, ଗୌର ଗୁରୁ, ସୁଧୀର ବହିଦାର, ସୁନୀଲ ତ୍ରିପାଠୀ, କୃଷ୍ଣଚନ୍ଦ୍ର ବାଗ, ଲଳିତ ମୋହନ ବେବର୍ତ୍ତା, ସିଲୁ ସିଂଦେଓ, ସୁଶାନ୍ତ ମିଶ୍ର, ତର୍ପଣ ପ୍ରଧାନ ପ୍ରମୁଖ ବହୁ କଳାକାର ଓ ସଙ୍ଗୀତପ୍ରେମୀ ଉପସ୍ଥିତ ଥିଲେ।



### ସମ୍ବଲପୁର ପୁସ୍ତକମେଳାର ପଞ୍ଚମ ଦିବସ

# 'ଜୈବ ବିବିଧତା ପରିବେଶକୁ ସୁରକ୍ଷା ଦେବାସହ ସ୍ଥିରତା ଆଣେ'

**ସମ୍ବଲପୁର, ୨୮।୧ (ସମିସ)**






ସମ୍ବଲପୁର ପୁସ୍ତକମେଳାରେ ଅଭିଭାବକ ଓ ପିଲାମାନଙ୍କ ଆକର୍ଷଣ ପାଲଟିଛି ସମ୍ବଲପୁର ପୁସ୍ତକମେଳାର ଶିଶୁ-ମଣ୍ଡପ। ନ୍ୟାସନାଲ ବୁକ୍ ଟ୍ରଷ୍ଟର ଜାତୀୟ ଶିଶୁସାହିତ୍ୟ କେନ୍ଦ୍ର (ଏନସିସିଏଲ) ତରଫରୁ କାହାଣୀ କଥନ ଅଧିବେଶନ, ସଙ୍ଗୀତ, କୁଇଜ୍, ଚିତ୍ରାଙ୍କନ ଏବଂ ସ୍ଲୋଗାନ-ଲେଖା ପ୍ରତିଯୋଗିତା, ପୁସ୍ତକ କଭର ଏବଂ ପୋଷ୍ଟର ଡିଜାଇନ୍ କର୍ମଶାଳା, ପିଲାମାନଙ୍କ ପାଇଁ ଯୋଗ, ବିଜ୍ଞାନ ସହିତ ମଜା, ମଣ୍ଡଳ କଳା, ପଟ୍ଟଚିତ୍ର ଚିତ୍ରକଳା, ଇକତ କଳା କର୍ମଶାଳା ଆଦି ପ୍ରତିଦିନ ଅଭିଜ୍ଞ ପ୍ରଶିକ୍ଷକଙ୍କ ଦ୍ୱାରା କରାଯାଉଛି। ପୁସ୍ତକମେଳାର ପଞ୍ଚମ ଦିବସ ଆଜି ଆରମ୍ଭ ହୋଇଥିଲା ପ୍ରାଚୀ ତାରାଙ୍କ କାହାଣୀ କଥନ ସହ। ଏହାକୁ ପିଲାମାନେ ବେଶ୍ ଉପଭୋଗ କରିଥିଲେ। ଏହାପରେ ବନ୍ଦନା ପଣ୍ଡାଙ୍କ ମାର୍ଗଦର୍ଶନରେ ସମବେତ ଛାତ୍ରଛାତ୍ରୀ ଅଙ୍କନ କରିଥିଲେ ପଟ୍ଟଚିତ୍ର। ଆଜିର ଶେଷ କାର୍ଯ୍ୟକ୍ରମ ଥିଲା ବିଦ୍ୟାର୍ଥୀଙ୍କ ଦ୍ୱାରା ଲୋକ ନୃତ୍ୟ ପରିବେଷଣ। ସମସ୍ତେ ଏହାର ବେଶ୍ ମଜା ଉଠାଇଥିଲେ। ପିଲାମାନେ ଖେଳ, ନୃତ୍ୟ ଓ ଅଙ୍କନ ମାଧ୍ୟମରେ ଶିକ୍ଷାପାଇବା କଥାଟିକୁ ଅଭିଭାବକମାନେ ପ୍ରଶଂସା କରିଛନ୍ତି।

'ସେତୁ' ପ୍ରାୟୋଜିତ ସାରସ୍ୱତ କାର୍ଯ୍ୟକ୍ରମରେ ଆଜି ଆଲୋଚନାର ବିଷୟ ଥିଲା - 'ପରିବେଶ ସୁରକ୍ଷା ଦିଗରେ ଜୈବ ବିବିଧତା'। 'ସେତୁ'ର ବରିଷ୍ଠ ସଦସ୍ୟ ପ୍ରଫେସର ଶଙ୍କର ପ୍ରସାଦ ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଡକ୍ଟର ସଞ୍ଜିତ କୁମାର ସାହୁ କହିଲେ ଯେ, ଆମ ପୃଥିବୀରେ ବିଭିନ୍ନ ପ୍ରକାରର ଜୈବ ବିବିଧତା ରହିଛି। ଜୈବ ବିବିଧତାକୁ ତିନି ଭାଗରେ ବିଭକ୍ତ କରାଯାଇଛି। ସେଗୁଡ଼ିକ ହେଲା - ଜେନେଟିକ୍ ବାୟୋଡାଇଭର୍ସିଟି, ସ୍ପିସିସ୍ ବାୟୋଡାଇଭର୍ସିଟି ଏବଂ ଇକୋ-ସିଷ୍ଟମ ବାୟୋଡାଇଭର୍ସିଟି। ଜୈବ ବିବିଧତା ଯୋଗୁଁ ପରିବେଶର ସୁରକ୍ଷା କରିହେଉଛି। ଜୈବ ବିବିଧତାର ସନ୍ତୁଳନ ରକ୍ଷା ନହେଲେ ଆମ ପରିବେଶର ସନ୍ତୁଳନ ନଷ୍ଟ ହୋଇଯିବ। ଜୈବ ବିବିଧତା ଯୋଗୁଁ ପଲିନେସନ୍ ସମ୍ଭବ ହେବାସହ ବାୟୁ ଓ ଜଳ ଶୁଦ୍ଧୀକରଣ, ଜଳବାୟୁ ପରିବର୍ତ୍ତନ ନିୟନ୍ତ୍ରଣ, ମୃତ୍ତିକା କ୍ଷୟ, ମରୁଡ଼ି ଓ ବନ୍ୟା ନିୟନ୍ତ୍ରଣ ଆଦି ସମ୍ଭବ ହୋଇପାରୁଛି। ଜୈବ ବିବିଧତା ରିକ୍ରିଏସନ୍, ଇକୋ ଟୁରିଜମ୍ ଆଦି ବିଭିନ୍ନ ଦିଗରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ। ବର୍ତ୍ତମାନ ଜୈବ ବିବିଧତାର ବହୁ ପରିମାଣରେ ଅବକ୍ଷୟ ଘଟୁଛି; ଏହାର ମୁଖ୍ୟ କାରଣ ହେଉଛି ଜଙ୍ଗଲ ନଷ୍ଟ, ଲ୍ୟାଣ୍ଡ ପ୍ୟାଟର୍ଣ୍ଣରେ ପରିବର୍ତ୍ତନ, ପ୍ରଦୂଷଣ, ଗ୍ଲୋବାଲ ୱାର୍ମିଂ ଓ କ୍ଲାଇମେଟ୍ ଚେଞ୍ଜ, ବିଲୁପ୍ତପ୍ରାୟ ପ୍ରଜାତିରେ ହ୍ରାସ, ଆକ୍ରମଣକାରୀ ପ୍ରଜାତିରେ ବୃଦ୍ଧି ଇତ୍ୟାଦି। ଏଥିପାଇଁ ଜୈବ ବିବିଧତାକୁ ସଂରକ୍ଷଣ କରିବା ପାଇଁ ସଚେତନତା ଆବଶ୍ୟକ; କାରଣ ଏହା କେବଳ ପରିବେଶକୁ ସୁରକ୍ଷା ଦିଏ ନାହିଁ, ଏହା ସ୍ଥିରତା ମଧ୍ୟ ଆଣିଥାଏ ବୋଲି ପ୍ରଫେସର ସାହୁ ମତବ୍ୟକ୍ତ କରିଛନ୍ତି। 'ସେତୁ' ସମ୍ପାଦକ ହରିନାରାୟଣ ପଣ୍ଡା ପ୍ରାରମ୍ଭିକ ସୂଚନା ଦେଇଥିବାବେଳେ ଡକ୍ଟର ସ୍ୱୟଂପ୍ରକାଶ ପଣ୍ଡା ଆଲୋଚନାଚକ୍ରର ସଂଯୋଜନା କରିଥିଲେ।

ଆଜି ସନ୍ଧ୍ୟାରେ 'ଯୁବରାଜ ଆଣ୍ଡ ରିତ୍ୱିକ କଲେକ୍ଟିଭ' ପକ୍ଷରୁ ପପ୍, ରେଟ୍ରୋ ଓ ବଲିଉଡ୍ ଗୀତରେ ସମ୍ବଲପୁରବାସୀଙ୍କ ମନ ମୋହି ନେଇଥିଲେ। ବିଭିନ୍ନ ଲୋକପ୍ରିୟ ଗୀତ ପରିବେଷଣ କରିବା ସମୟରେ ସାରା ପଡ଼ିଆ ଗାଇବା ସହ ଝୁମୁଥିବା ଦେଖାଯାଇଥିଲା।

# ସରକାରୀ ବସ୍ ସମ୍ପ୍ରସାରଣ ଦାବି

**ରେଢ଼ାଖୋଲ, ୨୮ ।୧ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲରୁ ସମ୍ବଲପୁରକୁ ସରକାରୀ ବସ୍ ସେବା ଯୋଗାଇବା ଦାବିକୁ ନେଇ ରେଢ଼ାଖୋଲ ପ୍ରେସ କ୍ଲବ ତରଫରୁ ରେଢ଼ାଖୋଲ ଉପଜିଲ୍ଲାପାଳ ରଶ୍ମି ରଞ୍ଜନ ମହନ୍ତ ଙ୍କୁ ଲିଖିତ ଦାବିପତ୍ର ପ୍ରଦାନ କରାଯାଇଛି । ଉଲ୍ଲେଖ କରାଯାଇଛି ଯେ ରେଢ଼ାଖୋଲ ଉପଖଣ୍ଡର ଜନସାଧାରଣ ଶିକ୍ଷା, ବ୍ୟବସାୟ, ସ୍ୱାସ୍ଥ୍ୟ ସେବା ପାଇଁ ସମ୍ବଲପୁର, ବୁର୍ଲା, କଟକ, ଭୁବନେଶ୍ୱର, ବ୍ରହ୍ମପୁର ପ୍ରତ୍ୟେକ ଦିନ ଯିବା ଆସିବା କରିଥାନ୍ତି । ଯାତ୍ରୀଙ୍କ ସୁବିଧା ପାଇଁ ରେଢ଼ାଖୋଲ ସହରରେ ଏକ ସରକାରୀ ବସ୍‌ର ଅଗ୍ରିମ ଟିକେଟ ବୁକିଙ୍ଗ କାଉଣ୍ଟର, ରେଢ଼ାଖୋଲ ଠାରୁ ସମ୍ବଲପୁର ସହରକୁ ସକାଳୁ ଏକ ନୂତନ ଭାବରେ ସରକାରୀ ବସ ଚଳାଚଳ ସେବା ଯୋଗାଇ ଦେବା, ସମ୍ବଲପୁର ଠାରୁ କଟକକୁ ଯାଉଥିବା ବସ୍‌କୁ ଭୁବନେଶ୍ୱରକୁ ସମ୍ପ୍ରସାରଣ କରିବା, ଫୁଲବାଣୀରୁ ସମ୍ବଲପୁରକୁ ଚଳାଚଳ ଦୁଇଟି ବସ୍ ବୁର୍ଲା ମେଡିକାଲ ଦେଇ ବିଶ୍ୱ ବିଦ୍ୟାଳୟ ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯିବା ଆଦି ଦାବୀକୁ ନେଇ ପ୍ରେସ କ୍ଲବର ସଦସ୍ୟମାନେ ରେଢ଼ାଖୋଲ ଉପଜିଲ୍ଲାପାଳଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଛନ୍ତି । ତା ସହିତ ସମ୍ବଲପୁର ଜିଲ୍ଲାପାଳ, ମୁଖ୍ୟ ପ୍ରବନ୍ଧକ ଓଡ଼ିଶା ରାଜ୍ୟ ସଡକ ପରିବହନ ନିଗମ, ବାଣିଜ୍ୟ ଓ ପରିବହନ ସଚିବ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ, ଓଡ଼ିଶା ସରକାରଙ୍କୁ ମଧ ଲିଖିତ ଭାବରେ ଜଣାଇଛନ୍ତି । ପ୍ରେସ୍ କ୍ଲବ୍‌ର ସଭାପତି ଶଙ୍କର ପୃଷ୍ଟି, ସମ୍ପାଦକ ତପନ କୁମାର ବିଶ୍ୱାଳ, କୋଷାଧ୍ୟକ୍ଷ ଯଶୋବନ୍ତ ନାରାୟଣ ସାହୁ, ସହ ସମ୍ପାଦକ କନ୍ଦର୍ପ ବେହେରା, ଉପଦେଷ୍ଟା ଜୟନ୍ତ ଖଡ଼ିରତ୍ନ, ବରିଷ୍ଠ ସାମ୍ବାଦିକ ସୁଶାନ୍ତ ନାଗ, ପ୍ରସନ୍ନ ପ୍ରଧାନ, ରଶ୍ମି ରଞ୍ଜନ ଖଡ଼ିରତ୍ନ, ଅନିଲ ପୃଷ୍ଟି, ସୁଧୀର ସୁନା, ଗଜାନନ ଭେସରା, ସରୋଜ କୁମାର ସାହୁ, ରଶ୍ମିତା ରାଉତ, ସରୋଜ ରାଉତ ପ୍ରମୁଖ ସମେତ ଅନ୍ୟ ସଦସ୍ୟମାନେ ସାମିଲ ରହିଥିଲେ ।



## ଜିଲ୍ଲାପାଳଙ୍କୁ ଆଞ୍ଚଳିକ କୃଷକ ସଂଗଠନର ଦାବିପତ୍ର

# ଦାବି ପୂରଣ ନହେଲେ ଫେବୃଆରୀ ୬ରେ ତହସିଲ୍ ଘେରଉ

**ଝାରବନ୍ଧ, ୨୮ ।୧(ସମିସ)**

ଝାରବନ୍ଧ ବ୍ଲକର ଚାଷୀମାନଙ୍କ ବିଭିନ୍ନ ସମସ୍ୟା ନେଇ ଆଞ୍ଚଳିକ କୃଷକ ସଂଗଠନ ପକ୍ଷରୁ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ସଂଗଠନ ପକ୍ଷରୁ ସୂଚନା ଦିଆଯାଇଛି ଯେ, ଦାବିଗୁଡ଼ିକ ଶୀଘ୍ର ପୂରଣ ନହେଲେ ଆସନ୍ତା ଫେବୃଆରୀ ୬ ତାରିଖରେ ଝାରବନ୍ଧ ତହସିଲ କାର୍ଯ୍ୟାଳୟ ଘେରଉ କରାଯିବ । କୃଷକ ସଂଗଠନ କହିଛି ଯେ, ଝାରବନ୍ଧ ଅଞ୍ଚଳ ଛତିଶଗଡ଼ ସୀମା ସଂଲଗ୍ନ ପାର୍ବତ୍ୟ ଏବଂ ବର୍ଷା ନିର୍ଭର ଅଞ୍ଚଳ । ଏଠାରେ ନିୟମିତ ମରୁଡ଼ି ପରିସ୍ଥିତି ଓ ରୋଜଗାର ଅଭାବ ଯୋଗୁଁ ଚାଷୀମାନଙ୍କ ଅର୍ଥନୈତିକ ସ୍ଥିତି ଦିନକୁ ଦିନ ଅବନତି ହେଉଛି । ଅଧିକାଂଶ ଚାଷୀ ଗଭୀର ନଳକୂପ ଓ ବିଦ୍ୟୁତ ସଂଯୋଗ ଉପରେ ନିର୍ଭର କରି ଚାଷ କରୁଥିବା ସତ୍ତ୍ୱେ ବିଭିନ୍ନ ପ୍ରଶାସନିକ ବାଧା ତାଙ୍କୁ ଦୁର୍ଦ୍ଦଶାରେ ପକାଇଛି । ସଂଗଠନ ପକ୍ଷରୁ ଉଠାଇଥିବା ମୁଖ୍ୟ ଦାବିମାନଙ୍କ ମଧ୍ୟରେ ରହିଛି ଝାରବନ୍ଧ ସଂକ୍ରିଠାରେ ନିର୍ମାଣାଧୀନ ୧୩୨/୩୩ କେଭି ବିଦ୍ୟୁତ ୧୮ ମାସରେ ସମ୍ପୂର୍ଣ୍ଣ ହେବା ସ୍ଥାନରେ ୩ ବର୍ଷ ହେବ ଧୀର ମନ୍ଥର କାର୍ଯ୍ୟକୁ ସମ୍ପୂର୍ଣ୍ଣ କରି ଗ୍ରୀଡ୍‌କୁ ତୁରନ୍ତ କାର୍ଯ୍ୟକ୍ଷମ କରିବା, ଜମି ପଟ୍ଟାରେ ଥିବା ଆଟ କିସମ ସଂଶୋଧନ କରି ଧାନଚାଷ ଉପଯୋଗୀ କରାଯିବା, ସୋଲାର ଗଭୀର ନଳକୂପ ଖନନ କାମ ଶୀଘ୍ର ଆରମ୍ଭ କରିବା, ନିଜସ୍ୱ ନଳକୂପ ପାଇଁ ବିଦ୍ୟୁତ ସଂଯୋଗ ପାଇଁ ଟାଟାପାୱାର କୃଷି ବିଭାଗ ଠାରୁ ଏନ. ଓ. ସି. ଆଣିବା କୁ କହୁ ଥିବା ବେଳେ କୃଷି ବିଭାଗ ଏନ୍‌ଓସି. ଦେଉ ନ ଥିବାରୁ ଚାଷୀଙ୍କ ସମସ୍ୟା ସମାଧାନ, ମଣ୍ଡିରେ ପଡ଼ିଥିବା ଧାନ ଉଠାଇବା ବ୍ୟବସ୍ଥା, ପଶ୍ଚିମ ଓଡ଼ିଶାରେ ଓ ପିଟିସିଏଲ୍ କାର୍ଯ୍ୟାଳୟ ପୁନଃସ୍ଥାପନ, ଚାଷ କାର୍ଯ୍ୟରେ ବ୍ୟବହୃତ ହେଉଥିବା ବିଦ୍ୟୁତ ବିଲ୍‌କୁ ଜଳକର ହିସାବରେ ନିଆଯାଉ ନଚେତ ପ୍ରତି ଏଚ.ପି. ୧୦୦ ଟଙ୍କା ଦରରେ ନିଆଯାଉ ବୋଲି କୃଷକ ସଂଗଠନ ଚେତାବନୀ ଦେଇଛି । ଏହି ଦାବିଗୁଡ଼ିକ ଅଗ୍ରାହ୍ୟ ହେଲେ ଆନ୍ଦୋଳନକୁ ଆରୋ ତୀବ୍ର କରାଯିବ ବୋଲି ଝାରବନ୍ଧ ତହସିଲଦାର ଅଲେଖ ଘୁଟାଙ୍କ ମାଧ୍ୟମରେ ବରଗଡ଼ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି ।



# କୁଚିଣ୍ଡାରେ ବନ୍ଦ ପାଳନ

**କୁଚିଣ୍ଡା, ୨୮ ।୧(ସମିସ):** ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ବୁଧବାର ଦିଆଯାଇଥିବା ବନ୍ଦ ଡାକରା ପ୍ରଭାବ ଶୂନ୍ୟ ହୋଇ ପଡ଼ିଥିବା ଦେଖିବାକୁ ମିଳିଥିଲା । କୁଚିଣ୍ଡାରେ ଦୋକାନ, ବଜାର, ସମସ୍ତ ସରକାରୀ /ବେସରକାରୀ କାର୍ଯ୍ୟାଳୟ, ସ୍କୁଲ, କଲେଜ, ଆଦି ଖୋଲା ଥିବା ବେଳେ କିଛି ଯାତ୍ରୀବାହୀ ବସ୍ ବନ୍ଦ ରହି ଥିବା ରାସ୍ତାକୁ ଦେଖିଲେ ଜଣା ପଡୁଥିଲା । ଆଖପାଖ ଅଞ୍ଚଳରେ ମଧ ବନ୍ଦର ସେତେଟା ପ୍ରଭାବ ପଡ଼ି ନଥିବା ମନେ ହେଉଥିଲା । କେଶେଇ ବାହାଲ ଅଞ୍ଚଳର କିଛି ଚାଷୀ ସଂଗଠନ ବାହାରି ଯାନବାହାନା, ଦୋକାନ ବଜାର ବନ୍ଦ ସହ ସ୍କୁଲ, କଲେଜ ବନ୍ଦ ରଖି ବନ୍ଦକୁ ସମର୍ଥନ ଜଣାଇଥିବାର ଜଣାପଡ଼ିଥିଲା ।



# ଏନ୍‌ଏସି ପକ୍ଷରୁ ୧୫୦ ତମ ବନ୍ଦେ ମାତରମ୍ ଉତ୍ସବ

**ରେଢ଼ାଖୋଲ, ୨୮ ।୧ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ବୁଧବାର ଦିନ ବନ୍ଦେ ମାତରମ୍ ୧୫୦ତମ ବର୍ଷ ପୂର୍ତ୍ତି ଅବସରରେ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ଏଥିରେ ସହରର ସମସ୍ତ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ରଘୁନାଥ ମନ୍ଦିର ପ୍ରାଙ୍ଗଣରୁ ସଚେତନତା ଭବ୍ୟ ଶୋଭାଯାତ୍ରାରେ ସହର ପରିକ୍ରମା କରି ରେଢ଼ାଖୋଲ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ । ରେଢ଼ାଖୋଲ ଏନ୍‌ଏସି ଅଧ୍ୟକ୍ଷ ଶିବରାମ ସାହୁ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ରଞ୍ଜନ ମାର୍ଥା, ଉପାଧ୍ୟକ୍ଷା ଅନୁଷୟା ପ୍ରଧାନ ମଞ୍ଚାସିନ ରହି ଛାତ୍ରଛାତ୍ରୀଙ୍କୁ ସମୂହ ବନ୍ଦେ ମାତରମ୍ ସଙ୍ଗୀତ ଗାନ କରାଯାଇଥିଲା । ଏଥିରେ ବନ୍ଦେ ମାତରଂ ସଙ୍ଗୀତର ସାଂସ୍କୃତିକ, ଐତିହ୍ୟ ଏବଂ ପରମ୍ପରା ସମ୍ପର୍କରେ ଯୁବ ପିଢ଼ି କୁ ସଂଯୋଗ କରିବା ସହିତ ଏହାକୁ ମର୍ଯ୍ୟାଦା ପୂର୍ଣ୍ଣ ଆନ୍ତରିକ ଭାବରେ ପାଳନ କରିବା ମୁଖ୍ୟ ଉଦ୍ଦେଶ୍ୟ ବୋଲି ଅତିଥିମାନେ ବକ୍ତବ୍ୟ ପ୍ରଦାନ କରିଥିଲେ । ଏଥିରେ ଏନ୍‌ଏସି କର୍ମଚାରୀ କୁନା ପାଣିଗ୍ରାହୀ ମଞ୍ଚ ପରିଚାଳନା କରିଥିବା ବେଳେ କାର୍ଯ୍ୟାଳୟର ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ ।

# ପଦାର୍ଥ ବିଜ୍ଞାନ ବିଭାଗର ଜାତୀୟ ସମ୍ମାନ ଉଦ୍‌ଯାପିତ

**ସମ୍ବଲପୁର, ୨୮।୧ (ସମିସ) :** ସରକାରୀ ମହିଳା ମହାବିଦ୍ୟାଳୟ ପଦାର୍ଥ ବିଜ୍ଞାନ ବିଭାଗ ଏବଂ ଅନ୍ତରୀଣ ଗୁଣବତ୍ତା ଆଶ୍ୱାସନା ପ୍ରକୋଷ୍ଠର ମିଳିତ ସହଯୋଗରେ ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ 'ପଦାର୍ଥ ବିଜ୍ଞାନରେ ସାମ୍ପ୍ରତିକ ପ୍ରଗତି : କ୍ୱାଣ୍ଟମ୍ ଜଗତରୁ ବ୍ରହ୍ମାଣ୍ଡୀୟ ଦିଗବଳୟ ପର୍ଯ୍ୟନ୍ତ' ଶୀର୍ଷକ ଦ୍ୱିଦିବସୀୟ ଜାତୀୟ ସମ୍ମାନ ଆଜି ଉଦ୍‌ଯାପିତ ହୋଇଯାଇଛି । ଏହି ସମ୍ମାନର ଉଦ୍‌ଘାଟନୀ ଉତ୍ସବରେ ସମ୍ବଲପୁର ଆଞ୍ଚଳିକ ଉଚ୍ଚଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ପ୍ରଫେସର ମୁରଲୀଧର ମାଝୀ ମୁଖ୍ୟଅତିଥି ଏବଂ ଭୁବନେଶ୍ୱରସ୍ଥିତ ପଦାର୍ଥ ବିଜ୍ଞାନ ପ୍ରତିଷ୍ଠାନର ନିର୍ଦ୍ଦେଶକ ପ୍ରଫେସର କରୁଣାକର ନନ୍ଦ ମୁଖ୍ୟବକ୍ତା ଭାବରେ ଯୋଗଦେଇଥିଲେ । ମହାବିଦ୍ୟାଳୟ ଅଧ୍ୟକ୍ଷା ପ୍ରଫେସର କଳ୍ପନା ମେହେର ସ୍ୱାଗତ ସମ୍ଭାଷଣ ଦେଇଥିଲେ । ପଦାର୍ଥ ବିଜ୍ଞାନ ବିଭାଗର ମୁଖ୍ୟ ଡ. ରାକେଶ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅନ୍ତରୀଣ ଗୁଣବତ୍ତା ଆଶ୍ୱାସନା ପ୍ରକୋଷ୍ଠ ଅଧିକାରୀ ପ୍ରଫେସର ରବୀନ୍ଦ୍ର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ । ସଂଗଠନ ସମ୍ପାଦକ ଡ. ସଞ୍ଜୟ ପଟ୍ଟନାୟକ ଏହି ସମ୍ମାନର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ ଏବଂ ସମ୍ମାନ ସଂଯୋଜକ ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇ ଉଦଘାଟନୀ ଉତ୍ସବର ସଂଯୋଜନା କରିଥିଲେ ।

ସମ୍ବଲପୁର ବିଶ୍ୱବିଦ୍ୟାଳୟ ପ୍ରଫେସର ରାଜୀବ ପାଢ଼ୀ, ପ୍ରଫେସର ହୀରକ ଚକ୍ରବର୍ତ୍ତୀ ଓ ଡ. ଦିବାକର ସାହୁ, ପଦାର୍ଥ ବିଜ୍ଞାନ ପ୍ରତିଷ୍ଠାନର ରାଜାରମନ୍ନା ଚେୟାର ପ୍ରଫେସର ଡ. ଅଜିତ ମୋହନ ଶ୍ରୀବାସ୍ତବ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ପ୍ରସନ୍ନ କୁମାର ମିଶ୍ର, ପ୍ରଫେସର ଜୀତେନ କୁମାର ମିଶ୍ର ଓ ପ୍ରଫେସର ନୌବିହାରୀ ପ୍ରଧାନ ପ୍ରମୁଖ ଆଲୋଚକ ଭାବେ ଯୋଗ ଦେଇଥିଲେ । ଅଧ୍ୟକ୍ଷା ପ୍ରଫେସର ମେହେରଙ୍କ ସଭାପତିତ୍ୱରେ ଉଦଯାପନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା । ପଦାର୍ଥ ବିଜ୍ଞାନ ବିଭାଗର ଡ. ସଞ୍ଜୟ ପଟ୍ଟନାୟକ, ଡ. କେ ମାଧୁରୀ, ଡ. ରାଜେନ୍ଦ୍ର ବିଶାଳ, ଅଧ୍ୟାପକ ସିଦ୍ଧାର୍ଥ ସାହୁ, ତ୍ରିନାଥ କେନ୍ଥ, ରବୀନ୍ଦ୍ର ପୁରୋହିତ ପ୍ରମୁଖ ସମ୍ମାନ ପରିଚାଳନାରେ ସହଯୋଗ କରିଥିଲେ ।

ଏହି ଅବସରରେ ସନ୍ଧ୍ୟାରେ ଭୁବନେଶ୍ୱରସ୍ଥିତ ପଦାର୍ଥ ବିଜ୍ଞାନ ପ୍ରତିଷ୍ଠାନ ତରଫରୁ 'ମହାକାଶ ଦର୍ଶନ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଛାତ୍ରୀମାନେ ବୈଜ୍ଞାନିକ ଟେଲିସ୍କୋପ ଦ୍ୱାରା ଖଗୋଳୀୟ ପିଣ୍ଡ ଯଥା ଗ୍ରହ, ଉପଗ୍ରହ, ନକ୍ଷତ୍ର ଇତ୍ୟାଦି ଦର୍ଶନ କରିବାର ସୁଯୋଗ ପାଇଥିଲେ । ବରିଷ୍ଠ ବୈଜ୍ଞାନିକ ଡ. କ୍ଷୀରୋଦ ପାତ୍ର ସହାୟତା କରିଥିଲେ ।



# ଦୁର୍ଘଟଣାରେ ଜଣେ ମୃତ, ଜଣେ ଗୁରୁତର

**ରେଢ଼ାଖୋଲ, ୨୮ ।୧(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ୧୫୩ ବି ଜାତୀୟ ରାଜପଥ ରେଢ଼ାଖୋଲ-ବୌଦ୍ଧ ରାସ୍ତାର ହାତିବାହାଳ ଛକ ନିକଟରେ ବିଳମ୍ବିତ ରାତିରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ସଂକଟାପନ୍ନ ରହିଛି । ଦୁର୍ଘଟଣାଗ୍ରସ୍ତ ଦୁଇ ଯୁବକ ଅନୁଗୁଳ ଜିଲ୍ଲା କିଆକଟା ଥାନା ଅନ୍ତର୍ଗତ ଟସରାବେଡା ଗ୍ରାମର ଗୋଟିଏ ପରିବାରର ବିଭିଷଣ ପୋଢ ଓ ଶତ୍ରୁଘ୍ନ ପୋଢ ବୋଲି ଜଣାପଡ଼ିଛି । ଘଟଣା ସ୍ଥଳରୁ ବିଭିଷଣଙ୍କ ମୃତଦେହ ଉଦ୍ଧାର କରାଯାଇଥିବା ବେଳେ ଶତ୍ରୁଘ୍ନଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଆମ୍ବୁଲାନ୍ସ ସେବା ଯୋଗେ ରେଢ଼ାଖୋଲ ଉପଖଣ୍ଡ ଚିକିତ୍ସାଳୟକୁ ଆଣି ପ୍ରାଥମିକ ଚିକିତ୍ସା ପରେ ଅଧିକ ଗୁରୁତର ଥିବାରୁ ଡାକ୍ତର ତାଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିବା ଜଣାପଡ଼ିଛି । ବିଳମ୍ବିତ ରାତିରେ ଦୁହେଁ ରେଢ଼ାଖୋଲରୁ ଘରକୁ ଫେରୁଥିବା ବେଳେ କୌଣସି ଅଜଣା ଗାଡି ତାଙ୍କୁ ଧକ୍କା ଦେଇଥିବା ଅନୁମାନ କରାଯାଉଛି । ଖବରପାଇ ଘଟଣା ସ୍ଥଳରେ ରେଢ଼ାଖୋଲ ପୁଲିସ ଓ ପରିବହନ ବିଭାଗର ଅଧିକାରୀ ପହଞ୍ଚି ଘଟଣାର ତଦନ୍ତ କରିଛନ୍ତି ।

# ଚିତ୍ରକଳା ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନରେ ଶିବାନୀ

**ସମ୍ବଲପୁର, ୨୮।୧ (ସମିସ) :** ଇଣ୍ଡିଆନ୍ ଆର୍ଟ ଫେଷ୍ଟ ପକ୍ଷରୁ ଆୟୋଜିତ ଜାତୀୟସ୍ତରୀୟ ଆର୍ଟ ପ୍ରତିଯୋଗିତାରେ ସମ୍ବଲପୁରର ଶିବାନୀ ଭୋଇ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି । ହଜାରେରୁ ଅଧିକ ଚିତ୍ରକଳା ଏଥିରେ ସ୍ଥାନିତ ହୋଇଥିଲା । ତେବେ ଶିବାନୀଙ୍କ ପେଣ୍ଟିଂ 'ବୁଦ୍ଧ'କୁ ବିଚାରକମାନେ ଦ୍ୱିତୀୟ ସ୍ଥାନରେ ରଖିଥିଲେ । ଶିବାନୀ ସମ୍ବଲପୁର କଳା ଏକାଡେମୀରୁ ଚିତ୍ରକଳା ଶିକ୍ଷା ଗ୍ରହଣ କରୁଛନ୍ତି ।



# ସାନ ବାଉଁସେନରେ ସରସତୀ ପୂଜା ଉଦ୍‌ଯାପିତ

**ବିଜେପୁର, ୨୮ ।୧(ସମିସ):** ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ ସାନ ବାଉଁସେନ ଗ୍ରାମରେ ପାଞ୍ଚଦିନ ବ୍ୟାପି ସରସତୀ ପୂଜା ପାଳିତ ହୋଇଯାଇଛି । ଚଳିତବର୍ଷ ଏହି ପୂଜା ୩୯ ବର୍ଷରେ ପଦାର୍ପଣ କରିଛି । ସୁଶାନ୍ତ ପଧାନ ଓ ବୃନ୍ଦାବତୀ ପଧାନ ଦମ୍ପତି ପୂଜାର କର୍ତ୍ତା ଦାୟିତ୍ୱ ନିର୍ବାହ କରୁଥିବାବେଳେ ପଣ୍ଡିତ ବାଚସ୍ପତି ତ୍ରିପାଠୀ, ଭଗବାନ ଦାଶ ପ୍ରମୁଖ ପୂଜାର୍ଚ୍ଚନା କରିଥିଲେ । ପୂଜା କମିଟି ସଭାପତି ସୁରେନ୍ଦ୍ର ତ୍ରିପାଠୀ, ସମ୍ପାଦକ ସୁଧୀର ସେଠ, କୋଷାଧ୍ୟକ୍ଷ ସୁବଳ ଭୋଇ, ନରେଶ ପଧାନ, ବସନ୍ତ ପଧାନ, ଅକୁ କୁମୁରା, ରାଜୁ କୁମୁରା, ସୁବନ କୁମୁରା, ଟୁନା ଭୋଇ, କୁଳ ଲୋଗ, ଦୁଷ୍ମନ୍ତ କୁମୁରା, ମନୋଜ ତ୍ରିପାଠୀ, ରୋହନ ଭୋଇ, ଟିଙ୍କୁ ନାଏକ, ଭାରତ ବରିହା, କାର୍ତ୍ତିକ ମାଝୀ, ଯୋଗେଶ୍ୱର ନାଏକ, ଲୋକେଶ୍ୱର ପଧାନ, ଉକ୍ତ ପଧାନ, ନିତ୍ୟାନନ୍ଦ ମାଝୀଙ୍କ ସମେତ ପୂଜା କମିଟିର କର୍ମକର୍ତ୍ତା ଓ ଗ୍ରାମବାସୀଙ୍କ ସହଯୋଗ କରିଥିଲେ ।

# ଗୋବିନ୍ଦପୁର ମାଉସୀ ମାଁ ମନ୍ଦିର ପ୍ରତିଷ୍ଠା ମହୋତ୍ସବରେ ପୂର୍ବତନ ବିଧାୟକ ସମ୍ବର୍ଦ୍ଧିତ



**ବରଗଡ଼, ୨୮ ।୧(ସମିସ):** ବରଗଡ଼ ବ୍ଲକ ଅଧୀନ ଗୋବିନ୍ଦପୁରରେ ମାଉସୀ ମାଁ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଅବସରରେ ଅନୁଷ୍ଠିତ ରାଜ୍‌ଦରବାରରେ ଗୋବିନ୍ଦପୁର ଗ୍ରାମବାସୀ ଓ ମନ୍ଦିର ପ୍ରତିଷ୍ଠା କମିଟି ପକ୍ଷରୁ ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କୁ ପ୍ରଶଂସାପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଛି । ବିଧାୟକ ଥିବା ସମୟରେ ମନ୍ଦିର ନିର୍ମାଣ ପାଇଁ ସେ ୧୦ ଲକ୍ଷ ଟଙ୍କାର ଆର୍ଥିକ ଅନୁଦାନ ପ୍ରଦାନ କରିବା ସହ ଗୋବିନ୍ଦପୁର ଗାଁର ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ବ୍ୟାପକ ସହଯୋଗ କରିଥିଲେ । ସ୍ଥାନୀୟ ସରପଞ୍ଚ ତଥା ମାଉସୀ ମାଁ ମନ୍ଦିର ପ୍ରତିଷ୍ଠା ମହୋତ୍ସବର ଅଧ୍ୟକ୍ଷ ପ୍ରଫୁଲ୍ଲ ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପାତ୍ର ମନ୍ତ୍ରୀଙ୍କ ଉପସ୍ଥିତିରେ ମହାରାଜ କଂସ ଗ୍ରାମବାସୀଙ୍କ ତରଫରୁ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ ଗୋବିନ୍ଦପୁର ପଞ୍ଚାୟତରେ କରାଯାଇଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଗୁଡିକ ସମ୍ବନ୍ଧରେ ମହାରାଜଙ୍କୁ ଅବଗତ କରାଇବା ସହ ଚାଷୀଙ୍କ ସମସ୍ୟା ଗୁଡିକର ତୁରନ୍ତ ସମାଧାନ ପାଇଁ ସରକାରଙ୍କୁ ନିର୍ଦ୍ଦେଶ ଦେବା ପାଇଁ ମହାରାଜଙ୍କୁ ନିବେଦନ କରିଥିଲେ ।

## ■ ପଠାଣି ସାମନ୍ତ ମେଧାବୃତ୍ତି ପରୀକ୍ଷା ଆଡମିଟ୍ କାର୍ଡରେ ଓଡ଼ିଆ ଭାଷାରେ ତ୍ରୁଟି

# ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ

**ଝାରବନ୍ଧ, ୨୮ ।୧(ସମିସ):** ରାଜ୍ୟର ପ୍ରତିଷ୍ଠିତ ପଠାଣି ସାମନ୍ତ ମେଧାବୃତ୍ତି ପରୀକ୍ଷା ପାଇଁ ଜାରି ହୋଇଥିବା ଆଡମିଟ୍ କାର୍ଡରେ ନିର୍ଦ୍ଦେଶାବଳୀରେ ଓଡ଼ିଆ ଭାଷାର ଗୁରୁତର ତ୍ରୁଟି ଓ ବିକୃତ ଶବ୍ଦବ୍ୟବହାର ଦେଖିବାକୁ ମିଳିଥିବା ଅଭିଯୋଗ ଆସିଛି । ଏହାକୁ ନେଇ ଛାତ୍ରଛାତ୍ରୀ, ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଅଭିଯୋଗ ଅନୁଯାୟୀ, ଆଡମିଟ୍ କାର୍ଡରେ ଅନେକ ଓଡ଼ିଆ ଶବ୍ଦର ଭୁଲ ନିବନ୍ଧନ, ବ୍ୟାକରଣ ତ୍ରୁଟି ଓ ଅସଂଗତ ବାକ୍ୟରଚନା ଦେଖାଯାଇଛି । ଅଭିଭାବକ ଦାବି କରିଛନ୍ତି ଯେ, ଏପରି ଭୁଲ ଛାତ୍ରଛାତ୍ରୀଙ୍କ ମନୋବଳ ଉପରେ ପ୍ରଭାବ ପକାଉଛି ଓ ପରୀକ୍ଷା ପ୍ରକ୍ରିୟାରେ ଅସ୍ପଷ୍ଟତା ସୃଷ୍ଟି କରୁଛି । ତେଣୁ ଶିକ୍ଷା ବିଭାଗ ତୁରନ୍ତ ଏହାର ତଦନ୍ତ କରି ଭୁଲ ସୁଧାର ସହ ସଠିକ ଆଡମିଟ୍ କାର୍ଡ ପୁନଃଜାରି କରିବାକୁ ଦାବି କରିଛନ୍ତି ।



BOARD OF SECONDARY EDUCATION, ODISHA
ADMIT CARD (STAGE - I)
PATHANI SAMANTA MATHEMATICS SCHOLARSHIP TEST - 2025

ROLL NUMBER : 2510315063

| | |
|---|---|
| Candidate Name | GUNJAN BAG |
| School Name | SANDADAR P.U.P.S |
| Date & Time of Examination | 28/01/2026 - 10:00 AM to 01:00 PM |
| Name of the Examination Centre, with Code | 0315 - PANCHAYAT HIGH SCHOOL, JHARBANDH |

Signature of the Candidate (to be signed in presence of the Head of the Institution)
Secretary B.S.E., Odisha, Cuttack
Sign of the B.E.O. / Head of the Institution

# ବିଜେପୁର ଏନ୍‌ଏସିରେ ଜବରଦଖଲ ଉଚ୍ଛେଦ ଅଭିଯାନ

**ବିଜେପୁର, ୨୮।୧ (ସମିସ):** ବରଗଡ଼ ଜିଲ୍ଲା ବିଜେପୁର ବିଜ୍ଞାପିତ ଅଞ୍ଚଳରେ ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ ଅଭିଯାନ ଆରମ୍ଭ ହୋଇଛି । ବିଜେପୁର ବସ୍‌ଷ୍ଟାଣ୍ଡ ଠାରୁ ଆନନ୍ଦ ନଗର ପର୍ଯ୍ୟନ୍ତ ମୁଖ୍ୟ ରାସ୍ତାରେ ସକାଳ ୯ରୁ ସନ୍ଧ୍ୟା ୫ ପର୍ଯ୍ୟନ୍ତ ଅଭିଯାନ ଚାଲିଥିଲା । ଦୀର୍ଘ ଦିନ ଧରି ରାସ୍ତା ଓ ସରକାରୀ ଜମି ଉପରେ ଅବୈଧ ଦଖଲ ହୋଇଥିଲା । ଏହାଦ୍ୱାରା ଯାତାୟାତ ବାଧାପ୍ରାପ୍ତ ହେବା ସହ ସାଧାରଣ ଲୋକେ ଅସୁବିଧାର ସମ୍ମୁଖୀନ ହେଉଥିଲେ । ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ କଠୋର ପଦକ୍ଷେପ ନିଆଯାଇଛି । ବିଜେପୁର ତହସିଲଦାର ମୁକ୍ତେଶ୍ୱର ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ଉଚ୍ଛେଦ କାମ ଜାରି ରହିଛି । ତାଙ୍କ ସହ ଅତିରିକ୍ତ ତହସିଲଦାର ଜ୍ୟୋତିପ୍ରକାଶ ସାହୁ, ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ବିଜ୍ଞବିଭୂଦତ୍ତ ସାହୁ, ବିଜେପୁର ଥାନାଧିକାରୀ ସୁଶାନ୍ତମଣି ମହାନ୍ତି ତଥା ପୁଲିସ୍ ଓ ପ୍ରଶାସନର କର୍ମଚାରୀମାନେ ଉପସ୍ଥିତ ଥିଲେ । ଜେସିବି ମେସିନ୍ ସହାୟତାରେ ରାସ୍ତା ଉପରେ ଓ ରାସ୍ତା ପାଖରେ ଥିବା ଅସ୍ଥାୟୀ ଦୋକାନ, ଘରର ବାହାର ଅଂଶ, ଟିନ୍ ସେଡ୍ ଆଦିକୁ ହଟାଯାଇଛି । ଅଭିଯାନ ସମୟରେ କୌଣସି ଅପ୍ରୀତିକର ଘଟଣା ଘଟି ନ ଥିବା ସୂଚନା ରହିଛି । ତେବେ ପୁଲିସ୍ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା । କିଛି ସ୍ଥାନରେ ଦୋକାନୀ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା । ମାତ୍ର ପ୍ରଶାସନ ପକ୍ଷରୁ ପୂର୍ବରୁ ନୋଟିସ୍ ଦିଆଯିବା ସହ ମାଇକ ଯୋଗେ ଘୋଷଣା କରାଯାଇଥିଲା ବୋଲି କୁହାଯାଇଛି । ଆଗାମୀ ଦିନରେ ବିଜେପୁର ଅଞ୍ଚଳର ଅନ୍ୟାନ୍ୟ ସ୍ଥାନରେ ମଧ ଏପରି ଜବରଦଖଲ ଉଚ୍ଛେଦ ଅଭିଯାନ ଜାରି ରହିବ ବୋଲି ମଧ ପ୍ରଶାସନ ପକ୍ଷରୁ ଜଣାଯାଇଛି ।



# ରକ୍ତଦାନ ଶିବିର



**ବରଗଡ଼, ୨୮ ।୧(ସମିସ):** ବରଗଡ଼ ଏଇଏମ୍‌ଇଏମ୍ ସ୍କୁଲ ଓ ନିଷ୍ଠା ପରିବାର ମିଳିତ ଆନୁକୂଲ୍ୟରେ ଏଇଏମ ସ୍କୁଲ ଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମକୁ ବରଗଡ଼ ଜିଲ୍ଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଶୁଭାରମ୍ଭ କରିଥିଲେ । ବରେଣ୍ୟ ଅତିଥି ଭାବରେ ବରଗଡ଼ ବ୍ଲକ ଶିକ୍ଷାଧିକାରୀ ଡ.ସୁରେନ୍ଦ୍ର କୁମାର ସାହୁ, ଏଇ.ଏମ.ସ୍କୁଲର ଚେୟାରମ୍ୟାନ ଜସବିର ସିଂ ସାଇନୀ, ପ୍ରିନ୍ସିପାଲ ପ୍ରଦୀପ କୁମାର ମିଶ୍ର, ସଦସ୍ୟ ମନୋରଞ୍ଜନ ମିଶ୍ର ଯୋଗଦେଇ ରକ୍ତଦାନ ଶିବିରକୁ ଶୁଭାରମ୍ଭ କରିଥିଲେ । ଏହି ଶିବିରରୁ ସର୍ବମୋଟ ୪୧ ୟୁନିଟ ରକ୍ତ ବରଗଡ଼ ରକ୍ତ ଭଣ୍ଡାର ଦ୍ୱାରା ସଂଗୃହୀତ ହୋଇଥିଲା । ରକ୍ତ ଦାନ ଶିବିର ଆୟୋଜନ ପାଇଁ ନିଷ୍ଠା ପରିବାର ତରଫରୁ ଏକ ସ୍ମୃତି ଫଳକ ଦେଇ ଏଇଏମଇଏମ୍ ସ୍କୁଲକୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ବିଭିନ୍ନ ସ୍ଥାନରେ ସାଧାରଣତନ୍ତ୍ର ଦିବସ

**ବରଗଡ଼, ୨୮ ।୧(ସମିସ)**

ବରଗଡ଼ ରାଣା ପ୍ରତାପ ଉଚ୍ଚ ବିଦ୍ୟାଳୟରେ ୭୭ ତମ ସାଧାରଣ ତନ୍ତ୍ର ଦିବସ ପାଳିତ ହୋଇଯାଇଛି । ପ୍ରଧାନଶିକ୍ଷକ ସୁଦୀପ କୁମାର ରଥ ଜାତୀୟ ପତାକା ଉତ୍ତୋଳନ କରି ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ତଥା ସ୍କୁଲ କମିଟି ସଦସ୍ୟ କପିଳେଶ୍ୱର୍ ବାଗ ଯୋଗ ଦେଇଥିଲେ । ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କ୍ରୀଡ଼ା ଶିକ୍ଷକ ଶିକ୍ଷୟିତ୍ରୀ ବିନୀତା, ବରିହା ଓ ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ଡାକ୍ତର ଭୋଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

### ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ

**ବରଗଡ଼ :** ବରଗଡ଼ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟରେ ୭୭ ତମ ସାଧାରଣ ତନ୍ତ୍ର ଦିବସ ପାଳିତ ହୋଇଯାଇଛି । ଜିଲ୍ଲା ଶିକ୍ଷାଧିକାରୀ ଜ୍ୟୋତି କାନ୍ତ ସାହୁ ପତାକା ଉତ୍ତୋଳନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏଡିଇଓ ସରୋଜ ଭୁଏ, ଏଡିଇଓ ବିନୟ କୁମାର ସୟ, ଏଡିଇଓ ଅମୃତା ସାହୁ, ବିଜ୍ଞାନ ନିରୀକ୍ଷକ ଧିରୋଜ ପଟ୍ଟନାୟକ ଆଇପି ଜ୍ୟୋତିଷ ଚନ୍ଦ୍ର ପ୍ରଧାନଙ୍କ ସମେତ ଜନ୍ମେଞ୍ଜୟ ପାତ୍ର, ଫାଲଗୁନୀ ପଣ୍ଡା, ନିରାକାର ସାହୁ, ଦିବ୍ୟ କିଶୋର ମିଶ୍ର, କିଶୋର ପଟ୍ଟନାୟକ, ଦିଲୀପ ସାହୁ, ଆଜାଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

**ବରଗଡ଼ :** ଭରୋସା ପ୍ରକଳ୍ପ ପକ୍ଷରୁ ଜମୁର୍ଡା କୁଷ୍ଠାଶ୍ରମରେ ସାଧାରଣତନ୍ତ୍ର ଦିବସ ସଫଳତା ର ସହିତ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ବରଗଡ଼ ବ୍ଲକର ୩ ଟି କଲୋନୀରେ ଆୟୋଜିତ ହୋଇଥିଲା ଏବଂ ସମସ୍ତ କଲୋନୀର ବାସିନ୍ଦାମାନେ ଏଥିରେ ଉପସ୍ଥିତ ଥିଲେ । ଏହି ଅବସରରେ ବରଗଡ଼ ଜିଲ୍ଲାର ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ଡା. କୁବେର ଚନ୍ଦ୍ର ମହାନ୍ତ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ଏହି କାର୍ଯ୍ୟକ୍ରମରେ ସରକାରୀ ଫିଜିଓଥେରାପିଷ୍ଟ ପ୍ରିୟକାନ୍ତ ସାମଲ, ଭରୋସା ପ୍ରକଳ୍ପର ପ୍ରକଳ୍ପ ଅଧିକାରୀ ବିରଞ୍ଚି ମହାନ୍ତ ଏବଂ ଭରୋସ ପ୍ରକଳ୍ପର ଜିଲ୍ଲା ସମନ୍ୱୟକାରୀ କବିତା ସାମଲ ଉପସ୍ଥିତ ଥିଲେ ।





### ଜିଲ୍ଲାସ୍ତରୀୟ ପରେଡରେ ରାଣାପ୍ରତାପ ସ୍କୁଲ ଦ୍ୱିତୀୟ

**ବରଗଡ଼ :** ବରଗଡ଼ ଜିଲ୍ଲାସ୍ତରୀୟ ପରେଡ ପ୍ରତିଯୋଗିତାରେ ରାଣା ପ୍ରତାପ ସ୍କୁଲ ସ୍କାଉଟ ଟ୍ରୁପ୍ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବାରୁ ମୁଖ୍ୟ ଅତିଥି ମନ୍ତ୍ରୀ ରବି ନାଏକ ଓ ସମ୍ମାନିତ ଅତିଥି ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ରାଣା ପ୍ରତାପ ସ୍କୁଲ ର ଛାତ୍ର ମାନଙ୍କୁ ପୁରସ୍କୃତ କରିଥିଲେ । ଜିଲ୍ଲାସ୍ତରରେ ସଫଳତା ହାସଲ କରିବା ପରେ ପ୍ରଧାନ ଶିକ୍ଷକ ସୁଦୀପ କୁମାର ରଥ ଓ ସ୍କୁଲ ପରିଚାଳନା କମିଟି ଅଧ୍ୟକ୍ଷା ପଦ୍ମିନୀ ଗଡ଼ତୀଆ ପ୍ରମୁଖ କ୍ରୀଡା ଶିକ୍ଷୟିତ୍ରୀ ବିନୀତା ବରିହା ଓ ସ୍କାଉଟ ଛାତ୍ର ଛାତ୍ରୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି ।

### କଂଗ୍ରେସ କାର୍ଯ୍ୟାଳୟ

**ପଦ୍ମପୁର :** ପଦ୍ମପୁର ସ୍ଥିତ କଂଗ୍ରେସ ପାର୍ଟିର ଦଳୀୟ କାର୍ଯ୍ୟାଳୟରେ ୭୭ତମ ଗଣତନ୍ତ୍ର ଦିବସ ପାଳିତ ହୋଇଛି । ଦଳୀୟ ନେତାମାନେ ଓ କର୍ମୀମାନେ ଏକତ୍ରିତ ହୋଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ । କାର୍ଯ୍ୟକ୍ରମରେ ଗୌନ୍ତିଆ ସାହୁ, ସତ୍ୟନାରାୟଣ ତ୍ରିପାଠୀ, ମୌସୁମୀ ସାହୁ, ପ୍ରଭାତ କୁସୁମ ବାରିକ, ପଦ୍ମିନୀ ଛୁରିଆ, ସନ୍ତୋଷ ଶତପଥୀ, ସୁବାଶ ନାୟକ, ଅରୁଣ ଦାନି, ଗୋପାଳ ଦୁବଲ, ଜୟନ୍ତ ସୁନାନୀ, ମିଲୁ ସୁନା ସହ ଅନ୍ୟାନ୍ୟ ଦଳୀୟ ସଦସ୍ୟମାନେ ଉପସ୍ଥିତ ଥିଲେ । ବକ୍ତାମାନେ ତାଙ୍କ ଉଦ୍‌ବୋଧନରେ ଭାରତୀୟ ସମ୍ବିଧାନର ମୂଲ୍ୟବୋଧ, ସ୍ୱାଧୀନତା ସେନାନୀ ମାନଙ୍କ ତ୍ୟାଗ ଓ ଦେଶର ଗଣତାନ୍ତ୍ରିକ ପରମ୍ପରାକୁ ଉଲ୍ଲେଖ କରି ସମସ୍ତଙ୍କୁ ଦେଶସେବା ଓ ସାମାଜିକ ଏକତା ପାଇଁ କାମ କରିବାକୁ ଆହ୍ୱାନ ଦେଇଥିଲେ ।

# ସନରାଇଜ କପ୍ କ୍ରିକେଟ ସେମିରେ ମେଲଛାମୁଣ୍ଡା ଓ ଛତିଶଗଡ଼

**ପଦ୍ମପୁର, ୨୮।୧(ସମିସ):** ଜମଲା ସ୍ଥିତ ହାଇସ୍କୁଲ ପଡ଼ିଆଠାରେ ଜମଲା କ୍ରୀଡା କମିଟି ଦ୍ୱାରା ଆୟୋଜିତ ୨୫ ତମ ସନରାଇଜ କପ ସୁବ୍ରତ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି । ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଜମଲା ଗୌନ୍ତିଆ ରାଜେନ୍ଦ୍ର ଭୋଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ । ପ୍ରଥମ ଦିନ ଖେଳରେ ୪ଟି ଦଳ ମଧ୍ୟରୁ ମେଲଛାମୁଣ୍ଡା କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଧଣ୍ଡାମୁଣ୍ଡାକୁ ଓ ଛତିଶଗଡ଼ ସୋହେଲାକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛନ୍ତି । ମ୍ୟାଚ୍ ପରେ ଶ୍ରୀକାନ୍ତ ପାଣିଗ୍ରାହୀ ଓ ରାଜେନ୍ଦ୍ର ଭୋଇ ଅତିଥି ରୂପେ ଯୋଗଦେଇ ମେଲଛାମୁଣ୍ଡା ଦଳର ବାଚସ୍ପତିଙ୍କୁ ଓ ଛତିଶଗଡ଼ ଦଳର ତୁଳସୀଙ୍କୁ ମେନ ଅଫ ଦି ମେଚ ପୁରସ୍କାର ପ୍ରଦାନ କରିଥିଲେ । ସନମ୍, ଅନ୍ତର୍ଯ୍ୟାମୀ ଅମ୍ପାରିଂ ଏବଂ ପ୍ରଦୀପ, ଗୁଲ, ରିଙ୍କୁ ସ୍କୋରିଂ ଦାୟିତ୍ୱ ତୁଲାଇଥିଲେ । ଦିଲୀପ, ଶ୍ୟାମବନ୍ଧୁ ଓ ଲକ୍ଷ୍ମୀ ଧାରା ବିବରଣୀ ପ୍ରଦାନ କରିଥିଲେ । ଜମଲା କ୍ରୀଡା କମିଟିର ଅନ୍ୟ ସଦସ୍ୟ ମାନେ ସହଯୋଗ କରିଥିଲେ ।

# ଅଭୂତପୂର୍ବ ସମର୍ଥନ ସହ ବରଗଡ଼ ବନ୍ଦ

ବରଗଡ଼,୨୮।୧(ସମିସ):



- ଚାଷୀଙ୍କୁ ବିଭିନ୍ନ ସଙ୍ଗଠନ ପକ୍ଷରୁ ସମର୍ଥନ
- ଧାନ ବିକ୍ରି ସମସ୍ୟା, ସ୍ମାର୍ଟ ମିଟର ଓ ପିୟୁସିକୁ ବିରୋଧ

କୃଷକର ଉନ୍ନତି, ଦେଶର ପ୍ରଗତି ପାଇଁ ନକଲି ଚାଷୀଙ୍କୁ ଧାନ ବିକ୍ରି ସୁଯୋଗ ନ ଦେବା ପାଇଁ ରାଜ୍ୟ ସରକାର ଚଳିତ ବର୍ଷ ନୂତନ ଚାଷୀ ପଞ୍ଜୀକରଣ ନୀତି ଆଣିଥିଲେ। ମାତ୍ର ଅନଲାଇନ ଏବଂ ବାୟୋମେଟ୍ରିକ ପ୍ରୟୋଗ କରିବା ଦ୍ୱାରା ପଞ୍ଜୀକରଣରେ ଶିଥିଳତା ଦେଖାଦେଇଥିଲା। ପରେ ପ୍ରକୃତ ଚାଷୀ ପଞ୍ଜୀକରଣରୁ ବାଦ ନ ପଡିବା ପାଇଁ ୩୦ ଅଗଷ୍ଟ ପର୍ଯ୍ୟନ୍ତ ସମୟ ବୃଦ୍ଧି କରାଗଲା। କିନ୍ତୁ ବିଭିନ୍ନ ବୈଷୟିକ ତ୍ରୁଟି ହେତୁ ଜିଲ୍ଲାରେ ହଜାର ହଜାର ଚାଷୀ ପଞ୍ଜୀକରଣରୁ ବଞ୍ଚିତ ହେଲେ। ସଂଯୁକ୍ତ କୃଷକ ସଙ୍ଗଠନ ଏହି ପ୍ରସଙ୍ଗରେ ଯୋଗାଣ ମନ୍ତ୍ରୀ, ସ୍ଥାନୀୟ ବିଧାୟକ ଏବଂ ସାଂସଦକୁ ଲିଖିତ ଅନୁରୋଧ କରିଥିଲେ। ଡିଏଲପିସି ମିଟିଂ ପୂର୍ବରୁ ପୁଣି ଚାଷୀ ୧୦ ନଭେମ୍ବରରୁ ୨୦ ପର୍ଯ୍ୟନ୍ତ ଧାରଣାରେ ବସିଥିଲେ। ଜିଲ୍ଲାର ସମସ୍ତ ବିଧାୟକ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ସମସ୍ୟା ସମାଧାନ ପାଇଁ ପ୍ରସ୍ତାବ ରଖିଥିଲେ। ପରେ ୨୦ ନଭେମ୍ବରରେ ବିଧାୟକ ନିହାର ମହାନନ୍ଦ ଆନ୍ଦୋଳନ ସ୍ଥଳକୁ ଆସି ୪୮୦୮ ଚାଷୀଙ୍କ ଭେରିଫିକେସନ ସରିଛି। ସେମାନଙ୍କ ଟୋକନ ଆସିବ ଏବଂ ଧାନ ବିକ୍ରି କରି ପାରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ୧୮୦୦ ଜଣ ଚାଷୀଙ୍କ ଟୋକନ ଆସିଥିବା ବେଳେ ଅନ୍ୟ ଚାଷୀଙ୍କ ଟୋକନ ଆଜି ଯାଏଁ ଆସିନାହିଁ। ଆଜି ସୁଦ୍ଧା ୧,୬୧,୧୧୭ ଜଣଙ୍କ ଭେରିଫିକେସନ ସରିଛି ବା ଜିଲ୍ଲାରେ ଅନେକ ଚାଷୀଙ୍କ ଟୋକନ ଆସିନାହିଁ। ଯେଉଁ ଚାଷୀଙ୍କ ଜମି ତୁଳନାରେ କମ ଟୋକନ ଆସିଥିଲା ସେମାନଙ୍କ ସମସ୍ୟାର ସମାଧାନ ହୋଇନାହିଁ। ରାଜ୍ୟରେ ୪୧% ଧାନ କିଣା ସରିଲାଣି। ସେହିପରି ସମ୍ବଲପୁରରେ ୯୬%, ନୂଆପଡାରେ ୮୯%, ସୋନପୁରରେ ୮୫%, କଳାହାଣ୍ଡିରେ ୮୦% ଏବଂ ବଲାଙ୍ଗିର ଓ ବରଗଡ଼ରେ ମାତ୍ର ୭୩% ଧାନ କିଣା ହୋଇଛି। ବରଗଡ଼ ଉପଖଣ୍ଡ ପଦ୍ମପୁରରେ ୫୫% ଧାନ କିଣା ହୋଇଛି ଏବଂ ୧୫ ଲକ୍ଷ ପାକେଟ ଧାନ ମଣ୍ଡି ମାନଙ୍କରେ ପଡି ରହିଛି। କଟଣି ନ ଦେଲେ ଧାନ ଉଠୁନାହିଁ। ଏ ସମସ୍ତ ସମସ୍ୟା ମାସ ମାସ ଧରି ଲାଗି ରହିଥିବା ବେଳେ ଏହାର ପ୍ରତିବାଦରେ ଆଜି ବରଗଡ଼ ବନ୍ଦ ଡାକରା ଦିଆ ହୋଇଥିଲା। ଏଥିରେ ବିଭିନ୍ନ ଦାବି ଉପସ୍ଥାପନ ହୋଇଥିଲା। ଦାବି ମୁତାବକ ପଞ୍ଜିକୃତ ସମସ୍ତ ଚାଷୀଙ୍କୁ ଟୋକନ ପ୍ରଦାନ କରି ଫେବୃଆରୀ ୧୫ ମଧ୍ୟରେ ଧାନ କିଣାଯାଉ। ପଲ୍ୟୁସନ ନାଁରେ ସର୍ବସାଧାରଣଙ୍କୁ ହଇରାଣ କରିବା ବନ୍ଦ କରାଯାଉ। ସ୍ମାର୍ଟ ମିଟର ନିଷିଦ୍ଧ କରି ସମସ୍ତ ଖାଉଟିଙ୍କୁ ୩୦୦ ୟୁନିଟ ଏବଂ ଜଳସେଚନ କ୍ଷେତ୍ରରେ ବ୍ୟବହୃତ ବିଦ୍ୟୁତ ମାଗଣା ଦିଆଯାଉ। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଚାଷୀଙ୍କ ସମସ୍ୟାର ସମାଧାନ ନ କରି ଆନ୍ଦୋଳନକାରୀଙ୍କୁ ନୌଟଙ୍କି, ନକଲି, ଚାଷୀଙ୍କ ଶତ୍ରୁ କହିବା ସହିତ ବରଗଡ଼ର ଚାଷୀ କ୍ୟାନସରର ବାହକ କହି ଗଣତାନ୍ତ୍ରିକ ଆନ୍ଦୋଳନକୁ ସରକାରୀ ସ୍ତରରେ ଖୋଲାଖୋଲି ଚାପି ଦେବାକୁ ଉଦ୍ୟମ କରିଛନ୍ତି। ଏହା ସମ୍ପୂର୍ଣ୍ଣ ନିନ୍ଦନୀୟ। ଏଣୁ ମନ୍ତ୍ରୀ ପଦରେ ବସିବା ପାଇଁ ତାଙ୍କର କୌଣସି ନୈତିକତା ନାହିଁ। ତାଙ୍କୁ ତୁରନ୍ତ ମନ୍ତ୍ରୀ ମଣ୍ଡଳରୁ ବହିଷ୍କାର କରାଯାଉ ବୋଲି ଆଜିର ଆନ୍ଦୋଳନରେ ଦାବି ରହିଛି।

ତେବେ ଆଜି ପୂର୍ବ ଘୋଷଣା ଅନୁସାରେ ସକାଳ ୬ ଟାରୁ ଦିବା ୨ଟା ପର୍ଯ୍ୟନ୍ତ ବରଗଡ଼ ବନ୍ଦ କରାଯାଇଥିଲା। ଏହି ବନ୍ଦକୁ ଜାତୀୟ କଂଗ୍ରେସ, ଛାତ୍ର କଂଗ୍ରେସ, ଆପ୍, ବିଏସ୍‌ପି ଖୋଲା ସମର୍ଥନ ଜଣାଇଥିଲେ। ଅନ୍ୟ ରାଜନୈତିକ ଦଳ ମାନେ ମଧ୍ୟ ନୈତିକ ସମର୍ଥନ ଦେଇଛନ୍ତି। କୋଶଲ ସେନା, ଜିଲ୍ଲା ଓକିଲ ସଂଘ, ବରଗଡ଼ ନାଗରିକ ମଞ୍ଚ, ସମ୍ବିଧାନ ସୁରକ୍ଷା ମଞ୍ଚ, ଭୀମ ଆର୍ମି, ଜିଲ୍ଲା ସ୍ୱେଚ୍ଛାସେବୀ ସଂଗଠନ ଓ ଆହୁରି ଅନେକ ଅନୁଷ୍ଠାନ ସମର୍ଥନ ଦେଇଛନ୍ତି। ବନ୍ଦ କାର୍ଯ୍ୟକ୍ରମ ଅବସରରେ ଗାନ୍ଧୀ ଛକରେ ପଥପ୍ରାନ୍ତ ସଭା ହୋଇଥିଲା। ସଭାରେ ପାଣ୍ଡବ କର୍ଣ୍ଣ, ହରଦିପ ସିଂ, ଭବାନୀ ସାହୁ, ସାଧୁ ନେପାଳ, ପ୍ରଦୀପ ଦେବତା, ଭୀଷ୍ମଦେବ ସରାଫ, ଶୟନ ପଣ୍ଡା, ପୁରନ୍ଦର ଭୋସାଗର, ଅଭିନାଶ, ଜୁଗୁନୁ ଜଗଦଳା, ପବିତ୍ର ଦେହେରୀ, ସୁଦାମ ସାହୁ, ପୂର୍ଣ୍ଣ ପଧାନ, ଅଜୟକୁମ୍ବାର, ବୀରବଳ ମହାକୁଡ, ବିମଳ ଦାସ, ରାଜ୍ୟ ଛାତ୍ର କଂଗ୍ରେସ ଉପ ସଭାପତି ଗୌରବ ପତି ବକ୍ତବ୍ୟ ରଖିଥିବା ବେଳେ ସୁଦାମ ପାତ୍ର ସଭା ପରିଚାଳନା କରିଥିଲେ। ସଂଗଠନ ସଦସ୍ୟ ଉତ୍ପନ୍ନ ଭୋଇ, ରମେଶ ମହାପାତ୍ର, ନିରଞ୍ଜନ ପଧାନ, ରବିଶଙ୍କର ପଧାନ, ବବ୍ବୁ ପଧାନ, ଈଶାନ୍ତ ଭୋଇ, ଅଭିମନ୍ୟୁ ପଧାନ ବନ୍ଦରେ ସାମିଲ ହୋଇଥିଲେ। ପରେ ଉପମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରି ଆନ୍ଦୋଳନ ପ୍ରତ୍ୟାହାର କରିଥିଲେ।

## ବରପାଲିରେ ୮ ଘଣ୍ଟିଆ ଓଡ଼ିଶା ବନ୍ଦ



**ବରପାଲି:** ଧାନ କିଣାରେ ଅବ୍ୟବସ୍ଥା, ପ୍ରଦୂଷଣ ସାର୍ଟିଫିକେଟ ଆଳରେ ମାତ୍ରାଧିକ ଦଣ୍ଡ ଓ ବିଜୁଳି ଦରକୁ ବିରୋଧ କରି ସଂଯୁକ୍ତ କୃଷକ ସଙ୍ଗଠନ ଦ୍ୱାରା ଚକଅଖ ବନ୍ଦ ଡାକରା ବରପାଲିରେ ସଫଳ ହୋଇଛି। ବୁଧବାର ସକାଳ ୬ରୁ ଅପରାହ୍ନ ୨ ପର୍ଯ୍ୟନ୍ତ ସୋହେଲା ଛକରେ ଡେରା ପକାଇ ଧର୍ମଘଟ ହୋଇଥିଲା। ଆନ୍ଦୋଳନରେ ସଂଯୁକ୍ତ କୃଷକ ସଂଗଠନ ସହ ବିଜେଡି କଂଗ୍ରେସ, ସିପିଆଇ, ସିପିଏମ୍ ଏବଂ ବିଭିନ୍ନ ସଂଘର କର୍ମକର୍ତ୍ତା ତଥା କାର୍ଯ୍ୟକର୍ତ୍ତା ମାନେ ଉପସ୍ଥିତ ରହି ସମର୍ଥନ ଜଣାଇଥିଲେ। ଏହି ଅବସରରେ ଆୟୋଜିତ ସଭା ମଞ୍ଚରେ ସରକାରଙ୍କୁ ଦୋଷାରୋପ କରିବା ସହ ମନ୍ତ୍ରୀ ମାନଙ୍କ ଲଗାମଛଡା ଆଚରଣ, କଟୁ ମନ୍ତବ୍ୟକୁ ନେଇ ବର୍ଷିଥିଲେ। ବନ୍ଦ ଡାକରାରେ ଜରୁରୀ ସେବା ବ୍ୟତୀତ ସରକାରୀ ବେସରକାରୀ ବସ, ଟ୍ରକ ଓ ଅନ୍ୟ ମାଲବାହୀ ଗାଡି ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା।

## ଭେଡେନରେ ଦୋକାନ ବଜାର ବନ୍ଦ



**ଭେଡେନ:** ନବନିର୍ମାଣ କୃଷକ ସଙ୍ଗଠନ ୩ ଦଫା ପ୍ରଦୂଷଣ ସାର୍ଟିଫିକେଟ, ଧାନ କିଣାବିକାରେ ଅବ୍ୟବସ୍ଥା, ଟାଟା ପାୱାରର ବିଜୁଳି ଟାରିଫକୁ ନେଇ ଭେଡେନ କୃଷକ ସଂଗଠନ ତରଫରୁ ସମର୍ଥନ ଜଣାଇ ଆଜି ଓଡ଼ିଶା ବନ୍ଦକୁ ପୂର୍ଣ୍ଣ ମାତ୍ରାରେ ସମର୍ଥନ କରାଯାଇଛି। ସକାଳ ୬ରୁ ଅପରାହ୍ନ ୨ ପର୍ଯ୍ୟନ୍ତ ଭେଡେନର ସମସ୍ତ ଦୋକାନ ବଜାର, ସବୁ ସରକାରୀ ଓ ବେସରକାରୀ ଅଫିସ, ସ୍କୁଲ, କଲେଜ ସ୍ୱତଃସ୍ଫୁର୍ତ୍ତ ଭାବେ ସମର୍ଥନ ଜଣାଇଥିଲେ ଓ ସବୁକିଛି ବନ୍ଦ ରହିଥିଲା। ଚାଷୀଙ୍କୁ ସମର୍ଥନରେ ଭେଡେନର ସବୁ ସଂଗଠନ ବଣିକ ସଂଘ, ଡ୍ରାଇଭର ସଂଘ, ଭେଡେନ କଂଗ୍ରେସ ଦଳ ତଥା ଭେଡେନର ଜନସାଧାରଣ ପୂର୍ଣ୍ଣ ମାତ୍ରାରେ ସହଯୋଗ କରିଥିଲେ। ବନ୍ଦରେ ସବୁ କୃଷକ ସଂଘଠନର କର୍ମକର୍ତ୍ତା ଉତ୍ପନ ଭୋଇ, ନରେନ୍ଦ୍ର ଭୋଇ, ବିଜୟ ସାହୁ, ବିଜୟ ଲହରିଆ, ଚୂଡାମଣି ଛନ୍ଦ, କୁନା ପଧାନ, ନରୋତ୍ତମଙ୍କ ସହ ଚାଷୀ ବନ୍ଦକୁ ସମର୍ଥନ କରିଥିଲେ।

## ଓଡ଼ିଶା ବନ୍ଦକୁ ପଦ୍ମପୁରରେ ସ୍ୱତଃସ୍ଫୁର୍ତ୍ତ ସମର୍ଥନ



**ପଦ୍ମପୁର:** ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ଦିଆଯାଇଥିବା ଓଡ଼ିଶା ବନ୍ଦ ଡାକରାକୁ ପଦ୍ମପରରେ ସ୍ୱତଃସ୍ଫୂର୍ତ୍ତ ସମର୍ଥନ ମିଳିଛି। ରାଜବୋଡାସମ୍ବର କୃଷକ ସଙ୍ଗଠନ, ସଂଯୁକ୍ତ କୃଷକ ସଙ୍ଗଠନ, ବିଜେଡି, କଂଗ୍ରେସ ସମେତ ବିଭିନ୍ନ ଅନୁଷ୍ଠାନ ବନ୍ଦ ପାଳନକୁ ସମର୍ଥନ ଜଣାଇଛନ୍ତି। ସକାଳ ୬ଟାରୁ ପଦ୍ମପୁର ସହର ସମେତ ବିଭିନ୍ନ ଅଞ୍ଚଳରେ ଦୋକାନ, ବଜାର ବନ୍ଦ ରହଥିଲା। ଗାଡି ଚଳାଚଳ ମଧ୍ୟ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ପଦ୍ମପୁର ଭେଡ଼ଁରିଆ ଛକରେ ବିଭିନ୍ନ ସଂଗଠନର ପ୍ରତିନିଧି ସମବେତ ହୋଇଥିଲେ। ରାସ୍ତା ଉପରେ ବସି ଦାବି ନେଇ ନାରାବାଜି କରିଥିଲେ।

## ସୋହେଲାରେ କୃଷକ ବିକାଶ ମଞ୍ଚ ପକ୍ଷରୁ ବନ୍ଦ ପାଳନ

**ସୋହେଲା:** ସୋହେଲା କୃଷକ ବିକାଶ ମଞ୍ଚ ପକ୍ଷରୁ ଆଜି ସକାଳ ୬ରୁ ଅପରାହ୍ନ୨ଟା ପର୍ଯ୍ୟନ୍ତ ସୋହେଲାରେ ଶାନ୍ତିପୂର୍ଣ୍ଣ ଭାବେ ବନ୍ଦ ପାଳନ ହୋଇଛି। ସୋହେଲାର ସମସ୍ତ ଦୋକାନ ବଜାର, ସରକାରୀ ବେସରକାରୀ ଶିକ୍ଷାନୁଷ୍ଠାନ, ବ୍ୟାଙ୍କ ଆଦି ବନ୍ଦ ରହିଥିବା ବେଳେ ଯାନ ବାହନ ଚଳାଚଳ ବନ୍ଦ ରହିଥିଲା।



ସୋହେଲା ବ୍ଲକ୍ କୃଷକ ବିକାଶ ମଞ୍ଚ ପକ୍ଷରୁ ସୋହେଲା ମୁଖ୍ୟ ଛକରେ ରାସ୍ତା ଅବରୋଧ ସହିତ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ବନ୍ଦ ପାଳନକୁ ବିଜେଡି, କଂଗ୍ରେସ, ଆପ ସହିତ ଅନ୍ୟ ରାଜନୈତିକ ଦଳ ସମର୍ଥନ କରିଥିଲେ। କୃଷକ ବିକାଶ ମଞ୍ଚର ସଭାପତି ମନୋହର ମାଝୀଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ବନ୍ଦ ପାଳନରେ ଜୟକୃଷ୍ଣ ସାହୁ, ଯୁଧିଷ୍ଠିର ନାୟକ, ହେମଚନ୍ଦ୍ର ପଧାନ, ଅନିଲ ପଧାନ, ନନ୍ଦୀ ଭୋଇ, କାନ୍ତ ଗଡତିଆ, ଦୈତାରୀ ଭୋଇ, ବିରେନ ନାୟକ, ଭୁବନେଶ୍ୱର ଖମାରୀ, ଲକ୍ଷ୍ମଣ ପଧାନ, ବାବୁଲୁ ପଧାନ, ବିଜୟ ଭୋଇ, ପ୍ରମୁଖ ସଦସ୍ୟ ଯୋଗ ଦେଇଥିଲେ। ବନ୍ଦ ପାଳନକୁ ସମର୍ଥନ ଜଣାଇ ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତା, କଂଗ୍ରେସ ଦଳ ପକ୍ଷରୁ ବାବୁଲୁ ଦେବତା, ବିଜେଡି ଦଳ ପକ୍ଷରୁ ସୁବ୍ରତ ସିଂ, ସୁଶାନ୍ତ ମିଶ୍ର, ଆପ ଦଳରୁ ଶାହରୁଖ ଲୋଧିଆ ପ୍ରମୁଖ ଯୋଗଦେଇ ସରକାରଙ୍କ ଚାଷୀ ବିରୋଧୀ ନୀତିକୁ ତୀବ୍ର ସମାଲୋଚନା କରିବା ସହିତ ବିକ୍ରି ହୋଇ ନପାରି ପଡିରହିଥିବା ସମସ୍ତ ଚାଷୀଙ୍କ ଧାନକୁ ନିର୍ଦ୍ଧାରିତ ସମୟରେ କ୍ରୟ କରିବାକୁ ଦାବି କରିଥିଲେ।

## ପ୍ରକାଶପୁରରେ ଚାଷୀଙ୍କ ରାସ୍ତା ଅବରୋଧ, ୧୨ ଘଣ୍ଟିଆ ବନ୍ଦ

**ଅମ୍ବାଭୋନା:** ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ୍ ଅଧୀନ ପ୍ରକାଶପୁରରେ ଚାଷୀଙ୍କ ସମସ୍ୟାର ପ୍ରତିକାର ଦାବିରେ ଓଡ଼ିଶା ନବ ନିର୍ମାଣ କୃଷକ ସଂଗଠନର ଆହ୍ୱାନ କ୍ରମେ ଅମ୍ବାଭୋନା ବ୍ଲକ୍‌ରେ ୧୨ ଘଣ୍ଟିଆ ବନ୍ଦ ସଫଳତାର ସହ ପାଳିତ ହୋଇଛି। ବନ୍ଦକୁ ଅମ୍ବାଭୋନା ବ୍ଲକ୍ ଲାଲବାହାଦୁର ଶାସ୍ତ୍ରୀ କୃଷକ ସଂଗଠନ ଓ ବ୍ଲକ୍ କଂଗ୍ରେସ କମିଟି ପୂର୍ଣ୍ଣ ସମର୍ଥନ ଜଣାଇଥିଲେ। ଚାଷୀ ପ୍ରକାଶପୁର ମୁଖ୍ୟ ରାସ୍ତାକୁ ଅବରୋଧ କରିଥିଲେ। ବନ୍ଦ ପାଳନ ହେତୁ ଛତିଶଗଡରୁ ବରଗଡ଼ ଯାତାୟାତ କରୁଥିବା ଘରୋଇ ଯାତ୍ରୀବାହୀ ବସ ଓ ମୁଖ୍ୟମନ୍ତ୍ରୀ ବସ ସେବା ସମ୍ପୂର୍ଣ୍ଣ ଭାବେ ବନ୍ଦ ରହିଥିଲା। ଫଳରେ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ବନ୍ଦ ଡାକରାକୁ ସମର୍ଥନ ଜଣାଇ ଅମ୍ବାଭୋନା ବ୍ଲକ୍‌ର ବିଭିନ୍ନ ଗାଁର ସ୍କୁଲ ଓ କଲେଜ, ଅମ୍ବାଭୋନା ତହସିଲ ଅଫିସ, ବ୍ଲକ୍ କାର୍ଯ୍ୟାଳୟ, ଭୁକ୍ତା ପୋଷ୍ଟ ଅଫିସ, ରୁଚିଦା ଓ ଅମ୍ବାଭୋନା ବ୍ୟାଙ୍କ ସମେତ ଭୁକ୍ତା, ପ୍ରକାଶପୁର ଓ ଅମ୍ବାଭୋନାର ଦୋକାନ ବଜାର ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ଲାଲବାହାଦୁର ଶାସ୍ତ୍ରୀ କୃଷକ ସଂଗଠନର ସଭାପତି ଠାକୁରରାମ ପଟେଲଙ୍କ ନେତୃତ୍ୱରେ ଶଂଖର ଖମାରୀ, ଇମାନୁଏଲ ଦତ୍ତରଣବୀର,



ରାଜେନ୍ଦ୍ର ଦେହେରୀ, ସଞ୍ଜୟ ବଗର୍ତ୍ତୀ, ପ୍ରକାଶ ଚନ୍ଦ୍ର ବେହେରା, ନିରଞ୍ଜନ ପଟେଲ, ପାଣ୍ଡବ ଦୁଆନ, ପ୍ରେମକିଶୋର ପଟେଲ, ବାସୁଦେବ ପଟେଲ, ମନୋହର ପଧାନ, ମେଘନାଦ ପଟେଲ, ତୋଷରାମ ପଧାନ, ପ୍ରକାଶ ପଧାନ, ଶ୍ୟାମଲାଲ ନାୟକ, ସୁଧିର ପଧାନ, ରୁଶିଚରଣ ନାଏକ ସମେତ ଶତାଧିକ ଚାଷୀ ଆନ୍ଦୋଳନରେ ସାମିଲ ହୋଇଥିଲେ।

## ସହିଦ ମାଧୋ ସିଂ ଆଞ୍ଚଳିକ କୃଷକ ସଙ୍ଗଠନର ୮ ଘଣ୍ଟିଆ ବନ୍ଦ

**ମେଲଛାମୁଣ୍ଡା:** ସରକାରଙ୍କ ବିଭିନ୍ନ ବିଫଳତା ବିରୁଦ୍ଧରେ ଆଜି ନବନିର୍ମାଣ କୃଷକ ସଙ୍ଗଠନର ଆହ୍ୱାନରେ ସମଗ୍ର ରାଜ୍ୟରେ ବନ୍ଦ ଡାକରା ଦିଆ ଯାଇଛି। ଏହି ପରିପ୍ରେକ୍ଷୀରେ ଜିଲ୍ଲା ସଂଯୁକ୍ତ କୃଷକ ସଙ୍ଗଠନର ଡାକରାରେ ସହିଦ ମାଧୋ ସିଂ ଆଞ୍ଚଳିକ କୃଷକ ସଙ୍ଗଠନ ଘେଁସ, କୋଶଳ କ୍ରାନ୍ତି ସେନା, ବଣିକ ସଂଘ, ନାଗରିକ କମିଟିଙ୍କ ସମେତ ଘେଁସ, କୁଚିପାଲି,



କଲଙ୍ଗାପାଲି, ବିର୍ଜାମ, ସନିମାଲ, ପେଟୁପାଲି, ବେହେରାପାଲି, ଝର, ତାଲପଦର ଏପରି ବିଭିନ୍ନ ପଞ୍ଚାୟତର ଚାଷୀ ସୋହେଲା-ପଦ୍ମପୁର ବିଜୁ ଏକ୍ସପ୍ରେସ୍ ୱେ ରାଜରାସ୍ତାକୁ ଓହ୍ଲାଇ ଶାନ୍ତିପୂର୍ଣ୍ଣ ଭାବେ ବନ୍ଦ ପାଳନ କରିଥିଲେ। ବନ୍ଦ ପାଳନରେ ଜରୁରୀକାଳୀନ ସେବା ବ୍ୟତୀତ ଅନ୍ୟ ସବୁ ଦୋକାନବଜାର, ଗାଡି ଚଳାଚଳ ବନ୍ଦ ରହିଥିଲା। ଆଗାମୀ ଦିନରେ କୃଷକ ମାନଙ୍କର ସମସ୍ୟା ଗୁଡିକର ସମାଧାନ ନହେଲେ ଆଗାମୀ ଦିନରେ ଆନ୍ଦୋଳନଟି ଉଗ୍ରରୂପ ନେବ ଓ ସେଥିପାଇଁ ସରକାର ଓ ପ୍ରଶାସନ ଦାୟୀ ରହିବେ ବୋଲି ଆନ୍ଦୋଳନକାରୀ ଚେତାବନୀ ଦେଇଛନ୍ତି।

## ଚାଷୀଙ୍କ ସମସ୍ୟା ନେଇ ଥୁଆପାଲି ବନ୍ଦ

**ଥୁଆପାଲି:** ବରଗଡ଼ ଜିଲ୍ଲା ଭେଡେନ ବ୍ଲକ୍ ଝରାପାଲି ମାର୍କେଟ ଥୁଆପାଲିରେ ସଂଯୁକ୍ତ ମୋର୍ଚ୍ଚା ସଂଗଠନ ପକ୍ଷରୁ ବୁଧବାର ଚାଷୀଙ୍କ ଧାନ ବିକ୍ରିର ଅବ୍ୟବସ୍ଥାକୁ ଓଡ଼ିଶା ବନ୍ଦ ଡାକରା ଦିଆଯାଇଛି। ଝରାପାଲି ମାର୍କେଟ ଥୁଆପାଲି ଠାରେ ଚାଷୀଙ୍କ ସମର୍ଥନରେ ସ୍ୱତଃ ପ୍ରବୃତ୍ତ ଭାବେ ସମସ୍ତ ଦୋକାନ ବଜାର ବନ୍ଦ ରହିଥିଲା। ଯାନବାହାନ ଚଳାଚଳ ବନ୍ଦ ହୋଇଥିଲା। ରାସ୍ତା ଜନଶୂନ୍ୟ ହୋଇଥିଲା। ଚାଷୀ ସମସ୍ୟାରେ ସରକାର ଉଚିତ ପଦକ୍ଷେପ ନେବାକୁ ବୁଦ୍ଧିଜୀବୀ, ଚାଷୀ ଓ ଜନସାଧାରଣଙ୍କ ଦାବି ହୋଇଥିଲା।



## ଅତାବିରାରେ ବନ୍ଦ ସଫଳ

**ଅତାବିରା:** ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ରାଜ୍ୟ ବ୍ୟାପୀ ବନ୍ଦ ଡାକରା ପରିପ୍ରେକ୍ଷୀରେ ଅତାବିରା ବନ୍ଦ ସଫଳ ହୋଇଛି। ଓଡ଼ିଶା ରାଜ୍ୟ କୃଷକ ସଂଗଠନ ଅତାବିରା ସ୍ଥାନୀୟ ବସଷ୍ଟାଣ୍ଡରେ ରାସ୍ତାରୋକ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସଂଗଠନର ସଭାପତି ବୀରେନ୍ଦ୍ର କରଙ୍କ ନେତୃତ୍ୱରେ ହୋଇଥିବା



ଆନ୍ଦୋଳନକୁ କଂଗ୍ରେସ ଦଳ ଓ ଆପ୍ ସମର୍ଥନ ଜଣାଇଥିଲା। ଆନ୍ଦୋଳନରେ କୃଷକ ସଂଗଠନର କାର୍ଯ୍ୟକାରୀ ସଭାପତି ଟିକେଲାଲ ମିଶ୍ର, ସମ୍ପାଦକ ସୁରେଶ କର୍ଣ୍ଣ, ଭୁବନ ପ୍ରଧାନ, ପାପାରାଓ, ପି ସତବାବୁ, ସୁବାଷ ବିଶ୍ୱାଲ, କୃଷ୍ଣ ବାବୁ, ଅମୂଲ୍ୟ ସ୍ୱାଇଁ, ହରେରାମ ସ୍ୱାଇଁ, ସୁଜିତ ପ୍ରଧାନ, ସମୀର ପ୍ରଧାନ, ଏର ବାବୁ, ଲଳିତ ନାଏକ, ବଳିରାଜ ପ୍ରଧାନ, ସୁବାଷ ପ୍ରଧାନ, କଂଗ୍ରେସ ବିଧାନସଭା ପ୍ରାର୍ଥୀ ଅଭିଷେକ ସେଠ, ଦୟାସାଗର ମେଣ୍ଡଲୀ, ଉମାଶଙ୍କର ଭୋସାଗର, ଶ୍ରୀବନ୍ତ ବାରିକ, କଡ଼କ ଅଲ୍ଲୀ, ପ୍ରଦୀପ ପ୍ରଧାନ, ଆପ୍ ଦଳର ବିଧାନସଭା ପ୍ରାର୍ଥୀ ଜୟକୃଷ୍ଣ ଛୁରିଆ, ସୁବଳ କହର ପ୍ରମୁଖ ଉପସ୍ଥିତ ରହି ରାଜ୍ୟ ସରକାରଙ୍କ ଚାଷୀ ବିରୋଧୀ ନୀତି ନେଇ ବିଷଦ୍‌ଗାର କରିଥିଲେ।

## ଝାରବନ୍ଧରେ ସଂଯୁକ୍ତ କୃଷକ ସଂଗଠନର ବନ୍ଦ ଡାକରା ସଫଳ

**ଝାରବନ୍ଧ:** ସଂଯୁକ୍ତ କୃଷକ ସଂଗଠନ ବରଗଡ଼ର ବନ୍ଦ ଡାକରାକୁ ସମର୍ଥନ କରି ବୁଧବାର ଝାରବନ୍ଧରେ ୮ ଘଣ୍ଟିଆ ବନ୍ଦ ପାଳନ କରାଯାଇଛି। ବୋଡାସମ୍ବର କୃଷକ ସଂଗଠନ ସହ ସ୍ଥାନୀୟ ବୁଦ୍ଧିଜୀବୀମାନେ ବନ୍ଦକୁ ସମର୍ଥନ ଜଣାଇଥିଲେ। ଝାରବନ୍ଧ ମୁଖ୍ୟ ଛକରେ ଆନ୍ଦୋଳନକାରୀ ଧରଣା ଦେଇ ପିକେଟିଂ କରିଥିଲେ। ବନ୍ଦ ସମୟରେ ଝାରବନ୍ଧ ଅଞ୍ଚଳର



ଦୋକାନ, ବଜାର ବନ୍ଦ ଥିବା ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟରେ ମଧ୍ୟ ପିକେଟିଂ କରାଯାଇଥିଲା। ପିକେଟିଂ କାର୍ଯ୍ୟକ୍ରମରେ ଗୋବିନ୍ଦ ପଟେଲ, ଜୟ ନିଗମ, ମୀନ ବାଗ, ଶତ୍ରୁଘନ ସାହୁ, ଉଦ୍ଧବ ପ୍ରଧାନ, ସନାତନ ପାଣ୍ଡେ, ଗୋବିନ୍ଦ ବେହେରା, ପରମାନନ୍ଦ ବେହେରା, ସନ୍ଦୀପ ଅଗ୍ରୱାଲ, ଘନଶ୍ୟାମ ବନଛୋର ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ପାଇଖାନା କାନ୍ଥ ପଡି ଯୁବକଙ୍କ ମୃତ




**ପାଇକମାଲ,୨୮।୧(ସମିସ):** ବରଗଡ଼ ଜିଲ୍ଲା ପାଇକମାଲ ବ୍ଲକ୍ ମାଣ୍ଡୋସିଲ ଗାଁରେ ଜଣେ ଯୁବ ରାଜମିସ୍ତ୍ରୀ ଶୌଚ ପାଇଁ ଯିବା ବେଳେ ପାଇଖାନା କାନ୍ଥ ପଡ ତାଙ୍କର ମୃତ୍ୟୁ ଘଟିଛି। ମାଣ୍ଡୋସିଲ ଗାଁର ଦୁଲମମୀ ରଣାଙ୍କ ପୁଅ ଗିରୀଶଚନ୍ଦ୍ର ରଣା(୪୫) ମଙ୍ଗଳବାର ଭୋର ୫ଟାରେ ଶୌଚ ପାଇଁ ଯାଇଥିଲେ। ଏହି ସମୟରେ ପାଇଖାନା କାନ୍ଥ ପଡି ଯିବାରୁ ସେ କାନ୍ଥ ତଳେ ଚାପିହୋଇ ରହିଯାଇଥିଲେ। ଫେରିବା ବିଳମ୍ବ ହେବା ଯୋଗୁଁ ପରିବାର ଲୋକେ ଖୋଜିବା ପରେ କାନ୍ଥ ତଳେ ଚାପି ହେବା ଅବସ୍ଥାରେ ତାଙ୍କୁ ଦେଖିଥିଲେ। ପରିବାର ଲୋକ ତାଙ୍କୁ ଉଦ୍ଧାର କରି ନୂଆପଡା ସରକାରୀ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘେଟିଛି। ସେ ଅଞ୍ଚଳରେ ରାଜମିସ୍ତ୍ରୀ ଭାବେ ବେଶ ଜଣାଶୁଣା ଥିଲେ। ତାଙ୍କ ପରିବାରରେ ତାଙ୍କ ବାପା ମା, ସ୍ତ୍ରୀ, ଦୁଇ ଝିଅ ଓ ଗୋଟିଏ ପୁଅ ଅଛନ୍ତି। ପରିବାରର ଜଣେ ରୋଜଗାରକ୍ଷମ ବ୍ୟକ୍ତି ଥିବାରୁ ତାଙ୍କୁ ହରାଇ ପରିବାରବର୍ଗ ଅସହାୟ ହୋଇ ପଡିଛନ୍ତି। ଏନେଇ ପରିବାର ବର୍ଗକୁ ସହାୟତା ଓ ଦୁଇ ଝିଅକୁ ଶିକ୍ଷା ସହାୟତା ଯୋଗାଇଦେବାକୁ ବରଗଡ଼ ଶ୍ରମ ବିଭାଗକୁ ଗ୍ରାମବାସୀ ଦାବି କରିଛନ୍ତି। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଶୌର୍ଯ୍ୟ ଜାଗରଣ ମହୋତ୍ସବ

**ଅତାବିରା,୨୮।୧(ସମିସ):** ଅଖିଳ ଭାରତୀୟ ହିନ୍ଦୁ ମହିଳା ମଞ୍ଚ ପକ୍ଷରୁ ସ୍ଥାନୀୟ ହସ୍ପିଟାଲ ଛକ ସଙ୍କଟମୋଚନ ହନୁମାନ ମନ୍ଦିର ପ୍ରାଙ୍ଗଣରେ 'ଶୌର୍ଯ୍ୟ ଜାଗରଣ ମହୋତ୍ସବ' ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ମାଁ ଦୁର୍ଗା ମନ୍ଦିରରୁ ସଂଗଠନର ପ୍ରତିଷ୍ଠାତା ଦର୍ଶନା ଅଗ୍ରୱାଲଙ୍କ ନେତୃତ୍ୱରେ ବହୁ ସନାତନୀ ମହିଳା ମାନେ ଶୋଭାଯାତ୍ରାରେ ଦୀପଶିଖା ନେଇ ହନୁମାନ ମନ୍ଦିରକୁ ଆସିଥିଲେ। ବିଧାୟକ ନିହାର ରଞ୍ଜନ ମହାନନ୍ଦଙ୍କ ସମେତ ଅନ୍ୟ ଗଣ୍ୟମାନ୍ୟ ବ୍ୟକ୍ତି ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ସଂଗଠନର ମୁଖ୍ୟ ପଦାଧିକାରୀ ଉମା ଅଗ୍ରୱାଲ, ରଶ୍ମୀ ବଲୋଧା, ସୁନୀତା ଅଗ୍ରୱାଲ, ସୁବ୍ରତା ପାଢ଼ୀଙ୍କ ଦ୍ୱାରା ସମସ୍ତଙ୍କୁ ଭାରତମାତାଙ୍କ ଫଟୋ ପ୍ରଦାନ କରାଯାଇଥିଲା। ଆମସେନା ଗୁରୁକୁଳ, ନୂଆଁପାଲି ଗୁରୁକୁଳ ଏବଂ ବରଗଡ଼ ବେଦପ୍ରଚାର ସମିତିର ପରିଚାଳନାରେ ୨୧ କୁଣ୍ଡୀୟ ରାଷ୍ଟ୍ରଭୃତ ଯଜ୍ଞସମାପନ ହୋଇଥିଲା। ଯଜ୍ଞ ପରେ ବୀରଙ୍ଗନା କନ୍ୟାମାନଙ୍କ ଦ୍ୱାରା ଶୌର୍ଯ୍ୟ ପ୍ରଦର୍ଶନ ଏବଂ ହରେ ଶ୍ରୀନିବାସ ଗ୍ରୁପ ଦ୍ୱାରା ଦାଣ୍ଡିଆ ପରିବେଷିତ ହୋଇଥିଲା।

## କିଷାନ ମହାବିଦ୍ୟାଳୟରେ ଆତ୍ମସୁରକ୍ଷା ତାଲିମ ଉଦ୍‌ଯାପିତ

**ଭେଡେନ,୨୮।୧(ସମିସ):** ଭେଡେନ ସ୍ଥିତ ଆଞ୍ଚଳିକ କିଷାନ ମହାବିଦ୍ୟାଳୟ ପରିସରରେ ଗତ ୮ ତାରିଖରୁ ଚାଲିଥିବା ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଛି। ଅଧ୍ୟାପିକା ଅହଲ୍ୟା ଗଡତିଆଙ୍କ ପରିଚାଳନାରେ ଅନୁଷ୍ଠିତ ଶିବିରରେ କଲେଜର ଅଧ୍ୟକ୍ଷା ମଞ୍ଜୁଳା ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଶିବିରରେ ଟ୍ରେନର ଭାବେ ସୋନାଲି କର୍ଣ୍ଣ ଯୋଗଦେଇ ୮୯ ଜଣ ଛାତ୍ରୀଙ୍କୁ ତାଲିମ ପ୍ରଦାନ କରିଥିଲେ। ଖେଳ ଶିକ୍ଷକ ଯୁଧିଷ୍ଠିର ମହାକୁର, ସୁଜାତା ମେହେର, ଅନୁକମ୍ପା ନାୟକ, ଖିରେଶ୍ୱରୀ ଭୋଇ, କଳ୍ପନା ଝଙ୍କାର ସମେତ ସମସ୍ତ ଅଧ୍ୟାପକ/ଅଧ୍ୟାପିକା ସହଯୋଗ କରିଥିଲେ।

# କଲେଜ ସମସ୍ୟା ସମାଧାନ ଦାବି




**ବରଗଡ଼,୨୮।୧(ସମିସ):** ବରଗଡ଼ ଜିଲ୍ଲାର ଥିବା ୧୨ଟି ବ୍ଲକ୍ ତଥା ଜିଲ୍ଲା ମୁଖ୍ୟାଳୟରେ ଥିବା ମହାବିଦ୍ୟାଳୟ ତଥା ଯୁକ୍ତ ଦୁଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ମାନଙ୍କରେ ବର୍ତ୍ତମାନ ସମୟରେ ଅନେକ ପ୍ରକାରର ଅବ୍ୟବସ୍ଥା ଘେରରେ ରହିଛି। ଏନେଇ ରାଜ୍ୟ ଛାତ୍ର କଂଗ୍ରେସ ଉପ ସଭାପତି ଗୌରବ ପତି (ଆଜାଦ) ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ସେହି ଅବ୍ୟବସ୍ଥା ମଧ୍ୟରେ ମୁଖ୍ୟତଃ ଶୋଚନୀୟ ଅବସ୍ଥାରେ ଶୌଚାଳୟ ଅଛି ଯାହାକୁ କି ମରାମତି କରାଯାଉ ନାହିଁ। ଫଳରେ ଛାତ୍ରଛାତ୍ରୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମହାବିଦ୍ୟାଳୟ ମାନଙ୍କରେ ଭିତ୍ତିଭୂମି ବିକାଶ କରିବା ସହିତ ସେହି ମହାବିଦ୍ୟାଳୟ ମାନଙ୍କରେ ବର୍ତ୍ତମାନ କିଛି ଯୁବ ଛାତ୍ର ନିଶା ସେବନ କରିଆସୁଛନ୍ତି। ନିଶା ସେବନ ନିମନ୍ତେ ଏହି ସମସ୍ତ ଶିକ୍ଷାନୁଷ୍ଠାନ ମାନଙ୍କରେ ଶିକ୍ଷଣୀୟ ପରିବେଶରେ ଅରାଜକତା ସୃଷ୍ଟି ହେଉଛି। ଏହି ସଂକ୍ରାନ୍ତୀୟ ଘଟଣା ନେଇ ଅନେକ ଥର ସଂପୃକ୍ତ ମହାବିଦ୍ୟାଳୟ ତଥା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରମୁଖ ଅଧ୍ୟକ୍ଷ ମାନଙ୍କ ନିକଟରେ ସାକ୍ଷାତ କରି ଅଭିଯୋଗ ଓ ଆଲୋଚନା କରିଆସିଛୁ ମାତ୍ର ଏହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ ବୋଲି ଗୌରବ କହିଛନ୍ତି। ଜିଲ୍ଲା ପ୍ରଶାସନ ଆସନ୍ତା ୧୫ ଦିନ ମଧ୍ୟରେ ଯଦି ଉଚିତ୍ ପଦକ୍ଷେପ ନ ନେବେ ତା ହେଲେ ବରଗଡ଼ରୁ ଭୁବନେଶ୍ୱର ପର୍ଯ୍ୟନ୍ତ ପଦଯାତ୍ରାରେ ଯିବେ ଆଉ ଉଚ୍ଚଶିକ୍ଷା ମନ୍ତ୍ରୀ ସୁରଜ୍ ସୂର୍ଯ୍ୟବଂଶୀଙ୍କ ଅଫିସ ଆଗରେ ଆମରଣ ଅନଶନରେ ବସିବେ ବୋଲି କହିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ଛାତ୍ର କଂଗ୍ରେସ ଉପ ସଭାପତି ଗୌରବ ପତି (ଆଜାଦ), ଦିନେଶ ବେହେରା, ନୀତିଶ ସୁନା, ସାହିଲ ବେହେରା, ନିମିସ ସାହୁ, ପ୍ରକାଶ ସାହୁ ପ୍ରମୁଖ ବହୁ ଛାତ୍ର କଂଗ୍ରେସ ନେତା ଉପସ୍ଥିତ ଥିଲେ।

# ସଂଗୀତ କଳା ପରିଷଦର ନୂତନ ଗୃହ ପାଇଁ ଭିତ୍ତିପ୍ରସ୍ତର



**ଅମ୍ବାଭୋନା,୨୮।୧(ସମିସ):** ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ୍ ଅଧୀନ ପ୍ରକାଶପୁର ଅଞ୍ଚଳର ଜୟ ଜଗନ୍ନାଥ ସଂଗୀତ କଳା ପରିଷଦର ନୂତନ ଗୃହ ନିର୍ମାଣ ସକାଶେ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ଅମ୍ବାଭୋନା ବ୍ଲକ୍ ଅଧ୍ୟକ୍ଷ କିର୍ତ୍ତିଚନ୍ଦ୍ର ଦୁଆନ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରେମକିଶୋର ପଟେଲ, ହୃଶିକେଶ ପଧାନ, ଚୌଧୁରୀ ପାତ୍ର, ଗୌରୀଶଙ୍କର ଅଗ୍ରୱାଲ, ଜନ୍ମଜୟ ପଧାନ, ମୋତିଲାଲ ସାହୁ, ଟେକଚାନ୍ଦ ଦେହେରୀ, ପୁରଞ୍ଜନ ଡୁଙ୍ଗୁରୀ, ସୁଧିର ପଟେଲ, ମନୋରଞ୍ଜନ ନାଏକ, ଚନ୍ଦ୍ରମଣି ବେହେରା, ସକାଳ ଖବରକାଗଜ ବ୍ଲକ୍ ପ୍ରତିନିଧି ରଞ୍ଜିତ ଦାଶ ଓ ଅଜୟ ସାହୁ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ସଫଳତା ପାଇଁ ଜୟ ଜଗନ୍ନାଥ ସଂଗୀତ କଳା ପରିଷଦର ସଭାପତି ଶିବ ଭୋଇ, ସମ୍ପାଦକ ରବିଶଙ୍କର ବେହେରା ସହ ପଟେଲ, ଅଣ୍ଡାରାମ ପଧାନ, କିଶୋର ପୁରୋହିତ, ନାଗାର୍ଜୁନ ସାହୁ, ଲିଙ୍ଗରାଜ ପଟେଲ, ଉମେଶ ଭୋଇ ଓ ଅଲେଖ ଦେହେରୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ ପୂଜାପାଠ କିଶୋର ପୁରୋହିତ କରିଥିଲେ। ନୂତନ ଗୃହ ନିର୍ମାଣ ହେଲେ ସଂଗୀତ ଓ କଳା ଚର୍ଚ୍ଚା ପାଇଁ ଏହା ଅଞ୍ଚଳରେ ଏକ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର ହେବ ବୋଲି ଉପସ୍ଥିତ ବ୍ୟକ୍ତିମାନେ ଆଶା ପ୍ରକାଶ କରିଥିଲେ।

# ବାଲ୍ୟ ବିବାହ ବିରୋଧରେ ଶୋଭାଯାତ୍ରା

**ଭେଡେନ,୨୮।୧(ସମିସ):** ଭେଡେନରେ ତାଲୁକ ଆଇନ ସେବା ପ୍ରାଧିକରଣ ପକ୍ଷରୁ ବାଲ୍ୟ ବିବାହ ବିରୋଧୀ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଭେଡେନ କୋର୍ଟ ନ୍ୟାୟଧୀଶ ପ୍ରିୟଙ୍କା ପ୍ରିୟଦର୍ଶିନୀ ପଟେଲଙ୍କ ନେତୃତ୍ୱରେ ହୋଇଥିବା ଶୋଭାଯାତ୍ରାରେ ଭେଡେନ ଅତିରିକ୍ତ ତହସିଲଦାର ଆଲମ ନାୟକ, ସରକାରୀ ଓକିଲ ଯଜ୍ଞସେନ ମହାନନ୍ଦ, ଅଶ୍ୱିନୀ ଦାସ, ବାର ସଭାପତି ଜଗତ ଭୂଷଣ ଶତପଥୀଙ୍କ ସମେତ ବହୁ ସଂଖ୍ୟାରେ ଆଇନଜୀବୀ ଓକିଲ, ତହସିଲ ଷ୍ଟାଫ ଏବଂ କୋର୍ଟ ଷ୍ଟାଫ ଅଂଶଗ୍ରହଣ କରିଥିଲେ। ଏହି ସମୟରେ ସାଇକଲ ଶୋଭାଯାତ୍ରା ଭେଡେନ କୋର୍ଟ ପରିସରରୁ ବାହାରି ଭେଡେନ ବସ୍ତି ପରିକ୍ରମା କରିଥିଲା।

